ରବିବାର

ସକାଳ THE SAKALA

ବିନୁଗା

୮-୧୪ ଫେବୃଆରୀ , ୨୦୨୬

- ଖଣ୍ଡଗିରି ଯାତ୍ରା ମହାସମର
- ଖଣ୍ଡଗିରି ଯାତ୍ରା ପରମ୍ପରା
- ଅନନ୍ୟ ଆକର୍ଷଣ ମେଲୋଡି
- ନିଆରା ପ୍ରଚାର ଶୈଳୀ
- ଚର୍ଚ୍ଚିତ ଯାତ୍ରା ଯୋଡ଼ି

ଖଣ୍ଡଗିରି ଯାତ୍ରା ମହାକୁମ୍ଭ

ସଂପ୍ରତି ବଦଳି ଯାଇଛି ମନୋରଞ୍ଜନର ପରିଭାଷା । ଟିଭି ଧାରାବାହିକ, ଚଳଚ୍ଚିତ୍ର ପାଲଟିଛି ମନୋରଞ୍ଜନର ପ୍ରମୁଖ ମାଧ୍ୟମ । ଏହାରି ଭିତରେ ତଥାପି ଦର୍ଶକଙ୍କ ଆକର୍ଷଣ ପାଲଟିଛି 'ଯାତ୍ରା' ବା 'ଅପେରା' । ଓଡ଼ିଶାର ଯାତ୍ରା ଇତିହାସ ବେଶ୍ ପ୍ରାଚୀନ । ରାଜ୍ୟର ବିଭିନ୍ନ ମେଳା, ମହୋତ୍ସବ, ପର୍ବପର୍ବାଣି ଅବସରରେ ପରିବେଷଣ କରାଯାଇଥାଏ ଯାତ୍ରା ନାଟକ । ଏହି କ୍ରମରେ ପ୍ରତିବର୍ଷ ଓଡ଼ିଶାର ପ୍ରସିଦ୍ଧ ଖଣ୍ଡଗିରି ମେଳା ଅବସରରେ ଦେଖିବାକୁ ମିଳିଥାଏ ଯାତ୍ରା ମହାସମର । ରାଜ୍ୟର ନାମୀଦାମୀ ଯାତ୍ରା ପାର୍ଟି ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ସାମିଲ ହୋଇଥାନ୍ତି । ଯାତ୍ରା ପାର୍ଟି ମାଲିକଙ୍କଠାରୁ ଆରମ୍ଭ କରି କଳାକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ୱପ୍ନ ଥାଏ ଖଣ୍ଡଗିରିରେ ନାଟକ ପ୍ରଦର୍ଶନ କରିବା । ଓଡ଼ିଶାର ଅନ୍ୟ ମଞ୍ଚ ଅପେକ୍ଷା ଖଣ୍ଡଗିରି ମଞ୍ଚରେ ନାଟକ ପ୍ରଦର୍ଶନ କରିବାର ଅନୁଭୂତି ଅନନ୍ୟ ଓ ନିଆରା । ଯାତ୍ରା କଳାକାର ଓ ଯାତ୍ରା ପାର୍ଟିକୁ ପରିଚୟ ଦେଇଥାଏ ଖଣ୍ଡଗିରି ଯାତ୍ରା ମହାସମର । ରାଜଧାନୀରେ ରାତିର ନିରବତା ଭାଙ୍ଗି ଯାତ୍ରା କଳାକାରଙ୍କ ସଂଳାପରେ ପ୍ରକମ୍ପିତ ହୋଇଉଠିଥାଏ ଖଣ୍ଡଗିରି ଅଞ୍ଚଳ । ଧମାକେଦାର ମେଲୋଡିଠାରୁ ଆରମ୍ଭ କରି ଉଚ୍ଚକୋଟୀର ନାଟକ ପର୍ଯ୍ୟନ୍ତ ବେଶ୍ ଆକୃଷ୍ଟ କରିଥାଏ ଦର୍ଶକମାନଙ୍କୁ । ତେଣୁ ପ୍ରତିବର୍ଷ ନାଟକ ଦେଖିବାକୁ ହଜାର ହଜାର ଯାତ୍ରାପ୍ରେମୀଙ୍କ ପ୍ରବଳ ଭିଡ଼ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଖଣ୍ଡଗିରିର ଯାତ୍ରା ଇତିହାସ, ପରମ୍ପରା ଓ ବର୍ତ୍ତମାନକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା : **ଖଣ୍ଡଗିରି ଯାତ୍ରା ମହାକୁମ୍ଭ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

କେମିତି କଟିବ ସପ୍ତାହ

ମେଷ
ରବିବାରରେ ପୈତୃକ ସମ୍ପତ୍ତି ହାସଲ କରିବାରେ ଆସୁଥିବା ବାଧା ଦୂର ହେବ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ପୂର୍ଣ୍ଣ ଆଗ୍ରହ ସହ କାର୍ଯ୍ୟ କରିବେ । ଗୁରୁ, ଶୁକ୍ରବାରରେ ଦାମ୍ପତ୍ୟ ଜୀବନରେ ଭୁଲ୍ ବୁଝାମଣା ଦେଖାଦେଇପାରେ । ଶନିବାରରେ ବ୍ୟବସାୟୀମାନଙ୍କୁ ଆଶାଠାରୁ ଅଧିକ ଲାଭ ମିଳିପାରେ ।

ବୃଷ
ରବିବାରରେ ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ସୋମ, ମଙ୍ଗଳ, ବୁଧବାରରେ ଘରେ ଶାନ୍ତିଶୃଙ୍ଖଳା ରହିବ । ମହିଳାମାନଙ୍କ ମନରେ ଦୁଶ୍ଚିନ୍ତା ଓ ଅସ୍ଥିରତା ପ୍ରକାଶ ପାଇବ । ଗୁରୁ ,ଶୁକ୍ରବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂରଣ କରି ଅନିଶ୍ଚିତତାରେ ରହିବେ । ଶନିବାରରେ ପଦୋନ୍ନତିର ଯୋଗ ରହିଛି ।

ମିଥୁନ
ରବିବାରରେ ମନ ବିଚଳିତ ହୋଇପାରେ । ଅତ୍ୟଧିକ କ୍ରୋଧରୁ ଦୂରେଇ ରୁହନ୍ତୁ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ପରିବର୍ତ୍ତନ ସହିତ ପ୍ରଗତିର ସମ୍ଭାବନା ରହିଛି । ଗୁରୁ, ଶୁକ୍ରବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ । ଶନିବାରରେ ସମସ୍ୟା ଦୂର ହେବ । ଦୂରଯାତ୍ରା ଯୋଗ ରହିଛି ।

କର୍କଟ
ରବିବାରରେ ସମାଜରେ ସମ୍ମାନିତ ହେବେ । ଭାଇଭଉଣୀଙ୍କ ସହଯୋଗ ପାଇବେ । ସୋମ,ମଙ୍ଗଳ,ବୁଧବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଗୁରୁ,ଶୁକ୍ରବାରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଶନିବାର କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ ।

ସିଂହ
ରବିବାରରେ ମନରୁ ଖରାପ ଭାବନା ଅପସରି ଯିବ । ସୋମ, ମଙ୍ଗଳ, ବୁଧବାରରେ ବ୍ୟୟକମ୍ ରହିବ । ସମୟାନୁବର୍ତ୍ତିତା ପାଇଁ ସମସ୍ତ କାର୍ଯ୍ୟରେ ସଫଳତା ପାଇବେ । ଗୁରୁ,ଶୁକ୍ରବାରରେ ନିଜର ପ୍ରିୟବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖାଦେବ । ଶନିବାରରେ ମହିଳାମାନେ ସହକର୍ମୀଙ୍କଠାରୁ ସହଯୋଗ ପାଇବେ ।

କନ୍ୟା
ରବିବାରରେ ବିଭିନ୍ନ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ । ସୋମ, ମଙ୍ଗଳ,ବୁଧବାରରେ କ୍ୟାରିୟର ପାଇଁ ଚିନ୍ତିତ ରହିବେ । ଭ୍ରମଣଯୋଗ ରହିଛି । ଗୁରୁ,ଶୁକ୍ରବାରରେ ବ୍ୟବସାୟ ପ୍ରସାରିତ ହେବ । ଶନିବାରରେ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇବାକୁ ଲାଗିବ ।

ତୁଳା
ରବିବାରରେ କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ପାଇବେ । ସୋମ, ମଙ୍ଗଳ, ବୁଧବାରରେ ସମାଜରେ ମାନସମ୍ମାନର ଅଧିକାରୀ ହେବେ । ଗୁରୁ, ଶୁକ୍ରବାରରେ ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ଦେଖାଦେବ । ଶନିବାରରେ ଅନ୍ୟକୁ ଦେଇଥିବା ଧନ ଫେରି ପାଇବେ । ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

ବିଛା
ରବିବାରରେ କୌଣସି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ କରିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ମନରେ ବ୍ୟାକୁଳତା ଅନୁଭବ ହେବ । ପରିବାରରେ ସୁଖଶାନ୍ତିର ପରିବେଶ ରହିବ । ଗୁରୁ, ଶୁକ୍ରବାରରେ ଚିନ୍ତାରେ ବୁଡ଼ି ରହିବେ । ଶନିବାରରେ ଛାତ୍ରଛାତ୍ରୀମାନେ ସଫଳତା ପାଇବେ ।

ଧନୁ
ରବିବାରରେ ଅଫିସ୍ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ କୌଣସି ବିହାହ ପ୍ରସ୍ତାବ ଆସିପାରେ । ସଫଳତା ପାଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବେ । ଗୁରୁ, ଶୁକ୍ରବାରରେ ମନରେ ପ୍ରସନ୍ନତା ଭାବ ପ୍ରକାଶ ପାଇବ । ଶନିବାରରେ ବ୍ୟବସାୟରେ ଉତ୍ତମ ଲାଭ ହେବ ।

ମକର
ରବିବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ସାଙ୍ଗସାଥୀଙ୍କ ସହ ନୂତନ ଯୋଜନା ପ୍ରସ୍ତୁତ କରିବେ । ସୋମ, ମଙ୍ଗଳ, ବୁଧବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଗୁରୁ, ଶୁକ୍ରବାରରେ ଜମିଜମା କଥାକୁ ନେଇ ବିବାଦ ଉପୁଜିପାରେ । ଶନିବାରରେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରନ୍ତି ।

କୁମ୍ଭ
ରବିବାରରେ ମଉଜ ମଜଲିସ୍‌ରେ ଅଧିକ ଆଗ୍ରହ ରହିବ । ସୋମ,ମଙ୍ଗଳ, ବୁଧବାରରେ କର୍ମରେ ଏକାଗ୍ରତା ଓ ଆନ୍ତରିକତା ଅଧିକ ରହିବ । ବ୍ୟବସାୟୀମାନେ ଅଧିକ ସଫଳତା ପାଇବେ । ଗୁରୁ, ଶୁକ୍ରବାରରେ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । ଶନିବାରରେ ଭାଇଭଉଣୀଙ୍କ ସହଯୋଗ ପାଇବେ ।

ମୀନ
ରବିବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପାଇବେ । ସୋମ, ମଙ୍ଗଳ, ବୁଧବାରରେ ଲକ୍ଷ୍ୟରୁ ବିଚ୍ୟୁତ ହୋଇପାରନ୍ତି । ଗୁରୁ, ଶୁକ୍ରବାରରେ ମହିଳାମାନେ ପାରିବାରିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶନିବାରରେ ଧନରେ ବୃଦ୍ଧି ଘଟିବ । ଜୀବନରେ ନୂତନ ମୋଡ଼ ସୃଷ୍ଟି ହୋଇପାରେ ।

ଖଣ୍ଡଗିରି

ଯାତ୍ରା ମହାକୁମ୍ଭ

ପ୍ରାକୃତିକ ସୌନ୍ଦର୍ଯ୍ୟ, ପ୍ରାଚୀନ ଐତିହ୍ୟ, ଧାର୍ମିକ ଓ ପୁଣ୍ୟ ପୀଠଭାବେ ପରିଚିତ ଭୁବନେଶ୍ୱରର ଖଣ୍ଡଗିରି ପାହାଡ଼ । ଓଡ଼ିଶାର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି ଏହି ଐତିହ୍ୟ ସଂପନ୍ନ ପାହାଡ଼ । ଖଣ୍ଡଗିରି-ଉଦୟଗିରି ପାହାଡ଼ର ପାଦଦେଶରେ ପ୍ରତିବର୍ଷ ଆୟୋଜିତ ହୋଇଥାଏ କୁମ୍ଭମେଳା । ଏହି କୁମ୍ଭମେଳା 'ଖଣ୍ଡଗିରି ମେଳା' ନାମରେ ପରିଚିତ । ମାଘ ସପ୍ତମୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ୯ ଦିନ ବ୍ୟାପୀ ଆୟୋଜିତ ହୋଇଥାଏ ଏହି ମେଳା । ରାଜ୍ୟ ତଥା ରାଜ୍ୟ ବାହାରରୁ ଶହ ଶହ ସଂଖ୍ୟାରେ ନାଗା, ଜୈନ, ସନାତନୀ ସାଧୁସନ୍ଥମାନେ ଆସି ଏହି ମେଳାରେ ଯୋଗ ଦେଇଥାନ୍ତି । ମନ୍ତ୍ର, ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥାଏ ମେଳା ପରିସର । ତେବେ ଖଣ୍ଡଗିରି ମେଳାର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ଯାତ୍ରା ମହାକୁମ୍ଭ । ଗୋଟିଏ ପଟେ ସାଧୁସନ୍ଥଙ୍କ ମନ୍ତ୍ର ଧ୍ୱନି, ଅନ୍ୟପଟେ ରାତିରେ ଯାତ୍ରା କଳାକାରଙ୍କ ସଂଳାପରେ ପ୍ରକମ୍ପିତ ହୋଇଉଠୁଥାଏ ମଞ୍ଚ । ଯାତ୍ରାପ୍ରେମୀଙ୍କ ପାଇଁ ଅନନ୍ୟ ଆକର୍ଷଣ ହେଉଛି ଖଣ୍ଡଗିରି ଯାତ୍ରା ମହାସମର । ବହୁ ପ୍ରସିଦ୍ଧ କଳାକାର, ଯାତ୍ରା ପାର୍ଟି ଖଣ୍ଡଗିରି ମଞ୍ଚରେ ନାଟକ ପରିବେଷଣ କରିଥାନ୍ତି । ଖଣ୍ଡଗିରି ମେଳା ସମୟରେ ଯାତ୍ରା ଦେଖିବାକୁ ପ୍ରତିବର୍ଷ ନାଟ୍ୟପ୍ରେମୀମାନେ ଚାତକ ପରି ଅନାଇ ରହିଥାନ୍ତି । ଖଣ୍ଡଗିରି ମେଳା ଅବସରରେ ଆୟୋଜିତ ଯାତ୍ରା ମହାକୁମ୍ଭକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

ମନୋରଞ୍ଜନର ଅନ୍ୟତମ ମାଧ୍ୟମ 'ଯାତ୍ରା' ବା 'ଅପେରା' । ଓଡ଼ିଶାର ଏକ ଲୋକପ୍ରିୟ ନାଟ୍ୟକଳା ହେଉଛି ଯାତ୍ରା । ଯାତ୍ରା ପାର୍ଟିଗୁଡ଼ିକ ଗୋଟିଏ ଅଞ୍ଚଳରୁ ଆଉ ଗୋଟିଏ ଅଞ୍ଚଳକୁ ଭ୍ରମଣ କରି ନାଟକ ପ୍ରଦର୍ଶନ କରିଥାନ୍ତି । ବିଶେଷ କରି ରାଜ୍ୟର ବିଭିନ୍ନ ମେଳା, ମହୋତ୍ସବ, ପର୍ବପର୍ବାଣି ଅବସରରେ ଯାତ୍ରା ଦଳଗୁଡ଼ିକ ନାଟକ ପ୍ରଦର୍ଶନ କରି ଲୋକଙ୍କ ମନୋରଞ୍ଜନ କରିଥାନ୍ତି । ଅପେରାରେ ଅଭିନୟ ଓ ସଂଗୀତର ଅପୂର୍ବ ଯାଦୁ ଦର୍ଶକଙ୍କୁ ବାନ୍ଧି ରଖିଥାଏ । ରଙ୍ଗିନ ଆଲୋକମାଳା, ଆକର୍ଷଣୀୟ ମଞ୍ଚ, ଜକ୍‌ମକ୍ ବେଶଭୂଷା, ନୃତ୍ୟ ଓ ସଙ୍ଗୀତର ଅପୂର୍ବ ସମ୍ମିଶ୍ରଣ ଯାତ୍ରାକୁ ଅଧିକ ଲୋକପ୍ରିୟ କରାଇପାରିଛି । ତେବେ ଓଡ଼ିଶାରେ କେବେଠାରୁ ଯାତ୍ରା ପରମ୍ପରା ଆରମ୍ଭ ହେଲା ତାହାର କୌଣସି ନିର୍ଦ୍ଦିଷ୍ଟ ସୂଚନା ଏପର୍ଯ୍ୟନ୍ତ ମିଳିପାରିନାହିଁ । ଯାତ୍ରାର ନାମକରଣକୁ ନେଇ ମଧ୍ୟ ଭିନ୍ନ ଭିନ୍ନ ମତ ରହିଛି । ସାଧାରଣ ଅର୍ଥରେ ଯିବା ବା ଗମନକୁ ଯାତ୍ରା ବୋଲି କୁହାଯାଏ । ତେଣୁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ନୁହେଁ,ବରଂ ଭ୍ରମଣ କରି ବା ବିଭିନ୍ନ ସ୍ଥାନକୁ ଯାଇ ନାଟ୍ୟକଳା ପ୍ରଦର୍ଶନକୁ ଯାତ୍ରା କୁହାଯାଉଥିବା କେତେକ ଗବେଷକ ମତ ଦିଅନ୍ତି । ଯାତ୍ରାକୁ କେହି କେହି 'ଅପେରା' ବା 'ଗଣନାଟ୍ୟ' ବୋଲି ମଧ୍ୟ କହିଥାନ୍ତି । ଓଡ଼ିଶାରେ ଯାତ୍ରା ପରିବେଷଣ ଶୈଳୀ ଅତ୍ୟନ୍ତ ସର୍ବାଧୁନିକ ବୋଲି କୁହାଯାଏ । ଯାତ୍ରାର ସଫଳତା ପଛରେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, କଳାକାର, ବାଦ୍ୟକାର, କଣ୍ଠଶିଳ୍ପୀ, ଟେକ୍ନିସିଆନ୍ ସମସ୍ତଙ୍କର ଅକ୍ଳାନ୍ତ ପରିଶ୍ରମ ରହିଛି । 'ଶିବାନୀ ଗଣନାଟ୍ୟ', 'ତାରାପୁର ଗଣନାଟ୍ୟ', 'ଜନତା ଗଣନାଟ୍ୟ', 'ଅଷ୍ଟଶମ୍ଭୁ ଗଣନାଟ୍ୟ', 'ନିୟତି ଗଣନାଟ୍ୟ', 'ତାରିଣୀ ଗଣନାଟ୍ୟ', 'ସାତଶଙ୍ଖ ଅପେରା' ପ୍ରମୁଖ ଓଡ଼ିଶାର ଆଗଧାଡ଼ିର ଯାତ୍ରା ଦଳ ।

ଖଣ୍ଡଗିରି ମେଳାର ଅନନ୍ୟ ଆକର୍ଷଣ ଯାତ୍ରା । ଯାତ୍ରା କାଳାକାରମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନାଟକ ପ୍ରଦର୍ଶନ କରିଥାନ୍ତି । ତେବେ ବର୍ଷକରେ ଥରେ ପ୍ରସିଦ୍ଧ ଖଣ୍ଡଗିରିରେ ନାଟକ ପରିବେଷଣ କରିବାକୁ ନେଇ ଯାତ୍ରା ଦଳଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ । ଦୀର୍ଘ ବର୍ଷ ହେଲା ଏଠାରେ ପ୍ରସିଦ୍ଧ ଯାତ୍ରା ପାର୍ଟିଗୁଡ଼ିକ ନାଟ୍ୟ ପ୍ରଦର୍ଶନ କରିବାର ପରମ୍ପରା ପ୍ରଚଳିତ । କଳାକାର, ଯାତ୍ରା ଦଳଗୁଡ଼ିକର ସ୍ୱପ୍ନ ରହିଥାଏ ଖଣ୍ଡଗିରି ମେଳାରେ ନାଟକ ପରିବେଷଣ କରିବା । ଗୋଟିଏ କି ଦୁଇଟି ମଞ୍ଚ ନୁହେଁ, ବର୍ତ୍ତମାନ ସାତୋଟି ମଞ୍ଚରେ ନାଟକ ପରିବେଷଣ କରାଯାଉଛି ।

ସଂପ୍ରତି ଚଳଚ୍ଚିତ୍ର ସହିତ ଯାତ୍ରା ପ୍ରତିଯୋଗିତା ଆରମ୍ଭ କରିଦେଇଛି । ଯାତ୍ରା ନାଟକ ଆଉ ପୌରାଣିକ ଆଖ୍ୟାନ ଭିତରେ ସୀମାବଦ୍ଧ ନୁହେଁ, ସାମାଜିକ, ଐତିହାସିକ, କାଳ୍ପନିକ କାହାଣୀକୁ ନେଇ ଯାତ୍ରା ପରିବେଷଣ କରାଯାଉଛି । ନାଟକ ସହିତ ମେଲୋଡ଼ି, ନୃତ୍ୟ-ଗୀତର ମାଧୁର୍ଯ୍ୟ, ଅଭିନୟର ସ୍ୱତନ୍ତ୍ର ଶୈଳୀ ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରୁଛି । ଚଳିତ ବର୍ଷ ଖଣ୍ଡଗିରି ମେଳା ଅବସରରେ 'ଅପେରା

ଅଶୋକ

এগুলি, ‘ভোলাই’ এলাকা’, ‘আজ রাত্তে’, ‘আকবরপাড়া’, ‘রুমিনা এলাকাই’, ‘উমেদ এলাকা’ প্রাচি এগুলি প্রকৃতির কাঠ দিয়ে তৈরি নানাভাঙ্গির কতিপয়ের কয়েকটি এলাকার নাম। ‘ভাঙ্গা’, ‘ভাঙ্গা’, ‘পুরাতন’, ‘উমেদ’, ‘আকবরপাড়া’, ‘রুমিনা’ এলাকাই’ এগুলি প্রকৃতির কাঠ দিয়ে তৈরি নানাভাঙ্গির কতিপয়ের কয়েকটি এলাকার নাম। ‘ভাঙ্গা’, ‘ভাঙ্গা’, ‘পুরাতন’, ‘উমেদ’, ‘আকবরপাড়া’, ‘রুমিনা এলাকাই’ এগুলি প্রকৃতির কাঠ দিয়ে তৈরি নানাভাঙ্গির কতিপয়ের কয়েকটি এলাকার নাম।

এলাকা থেকে আসা কারিগরদের মতে, এসব নানাভাঙ্গির কাঠ সংগ্রহ করা হয় আশপাশের বনাঞ্চল থেকে। কাঠ সংগ্রহ করা থেকে শুরু করে আসবাব তৈরি পর্যন্ত সবকিছু হাতে-কলমে করেন এলাকার দক্ষ কারিগরেরা। এক একটি আসবাব তৈরি করতে কারিগরদের সময় লাগে ১ থেকে ৩ মাস। আসবাবের আকার-আকৃতি ও নকশার ওপর নির্ভর করে এর দাম। ছোট আকারের আসবাব ৫ থেকে ১০ হাজার টাকায় বিক্রি হয়। বড় আকারের আসবাব ৩০ থেকে ৪০ হাজার টাকায় বিক্রি হয়। এসব আসবাব বিক্রির জন্য বিভিন্ন জেলা ও উপজেলায় মেলা বসে। এছাড়া বিভিন্ন অনুষ্ঠানে উপহার হিসেবে এসব আসবাব দেওয়া হয়। এলাকার অধিকাংশ মানুষ এই আসবাব ব্যবহার করেন। এলাকার বাইরে থেকে আসা অনেক মানুষ এসব আসবাব কিনে নিয়ে যান। এলাকার অনেক পরিবার এই আসবাব তৈরি করে জীবিকা নির্বাহ করছেন। এলাকার অনেক মানুষ এই আসবাব তৈরি করে জীবিকা নির্বাহ করছেন।

এলাকার বাসিন্দারা বলেন, এসব আসবাব তৈরি করতে অনেক পরিশ্রম করতে হয়। এসব আসবাব তৈরি করতে অনেক সময় লাগে। এসব আসবাব তৈরি করতে অনেক সময় লাগে। এসব আসবাব তৈরি করতে অনেক সময় লাগে

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଅବସ୍ଥିତ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ ଐତିହାସିକ, ପୁରାତନ ତତ୍ତ୍ୱ ଓ ଧାର୍ମିକ ସ୍ଥଳୀ ଭାବରେ ଜନମାନସରେ ଏକ ସ୍ୱତନ୍ତ୍ର ମାନ୍ୟତା ଦାବି କରେ । ସମ୍ରାଟ ଖାରବେଳଙ୍କର ପ୍ରସିଦ୍ଧ ହାତୀ ଗୁମ୍ଫା ଶିଳାଲେଖରୁ ଯାହା ଜଣାଯାଏ ଯେ, ମହାବୀର ଜୈନ ଏହି ସ୍ଥାନରେ ତାଙ୍କ ଧର୍ମ ପ୍ରଚାର କରିଥିଲେ । ତେବେ ଖଣ୍ଡଗିରିରେ ୧୫ ଗୋଟି ଗୁମ୍ଫା ରହିଥିବାବେଳେ ଉଦୟଗିରିରେ ଏବେ ୧୮ ଗୋଟି ଗୁମ୍ଫା ରହିଅଛି । ଏହା ଏକ ଦର୍ଶନୀୟ କଳାକୀର୍ତ୍ତିର ସ୍ଥାନ ଭାବରେ ପ୍ରସିଦ୍ଧି ଲାଭ କରିଛି । ପ୍ରତିବର୍ଷ ଏଠାରେ ଖଣ୍ଡଗିରି ମେଳା ଅନୁଷ୍ଠିତ ହୋଇଥାଏ । ମାଘ ସପ୍ତମୀରେ ଖଣ୍ଡଗିରି ପାହାଡ଼ର ପାଦଦେଶରେ ଅନୁଷ୍ଠିତ ହେଉଥିବା କୁମ୍ଭ ମେଳା 'ଖଣ୍ଡଗିରି ମେଳା' ନାମରେ ପ୍ରସିଦ୍ଧ । କେଉଁ ଆଦିକାଳରୁ ଆରମ୍ଭ ହୋଇଥିବା ଏହି କୁମ୍ଭମେଳା ବହୁ ସାଧୁସନ୍ଥଙ୍କ ସମାବେଶରେ ଦୀର୍ଘ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ମାଘ ପୂର୍ଣ୍ଣିମାଦିନ ପୂର୍ଣ୍ଣାହୁତି ହୋଇଥାଏ ।

ଖଣ୍ଡଗିରି ଯାତ୍ରା ମହାସମର

ଡକ୍ଟର ଗିରିଜାକାନ୍ତ ଦାସ

ଖଣ୍ଡଗିରି ମେଳାର ଆକର୍ଷଣ

କିମ୍ବଦନ୍ତୀରୁ ଯାହା ଜଣାଯାଏ ଯେ, ତପସ୍ୱୀମାନେ ହେଉଛନ୍ତି ଭଗବାନଙ୍କର ଅବତାର । ତେଣୁ ଏହି ମହାକୁମ୍ଭ ମେଳାରେ ତପସ୍ୱୀମାନଙ୍କର ଦର୍ଶନ ମିଳିଥାଏ । ସେମାନେ ଅର୍କକ୍ଷେତ୍ର ଚନ୍ଦ୍ରଭାଗାରେ ବୁଡ଼ ପକାଇ ଖଣ୍ଡଗିରିଠାରେ ଅବସ୍ଥାନ କରି ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟଙ୍କର ପହିଲି କିରଣ ସ୍ପର୍ଶରେ ସେମାନେ କୋଟି ପୁଣ୍ୟ ଅର୍ଜନ କରନ୍ତି ବୋଲି ବିଶ୍ୱାସ ରହିଛି । ଏକାମ୍ର କାନନ ଭୁବନେଶ୍ୱରରେ ଅଛି ତପଭୂମିର ସ୍ଥଳୀ । ଯୋଗନଦୀ କୂଳଠାରେ ମୁନିଋଷିମାନଙ୍କ ଗହଣରେ ବହୁ ବନ୍ୟଜନ୍ତୁ ରହି ସେଠାରେ ଏକ ସୁନ୍ଦର ଶାନ୍ତ କମନୀୟ ପରିବେଶ ଗଢ଼ି ତୋଳିଥିଲେ । ତେବେ ଏହି ସ୍ଥାନ ଶକ୍ତିପୀଠ ଓ ଜୈନପୀଠ ଭାବେ ପରିଚିତ । ପରମ୍ପରାରୁ ଜଣାଯାଏ ଯେ, ଜାଗମରା ଗ୍ରାମର ଆରାଧ ଦେବତା ଅନନ୍ତ କିଶୋରାଙ୍କ ରାଣୀହଂସପୁର ଯାତ୍ରା ହେଉଛି ଏହି ମେଳାର ଅନ୍ୟତମ ଆଧ୍ୟାତ୍ମିକ ଦିଗ । ସପ୍ତମୀ ତିଥି ରାତିରୁ ଅନନ୍ତ କେଶରୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଉଦୟଗିରି ପାହାଡସ୍ଥିତ ରାଣୀଗୁମ୍ଫାରେ ରାଣୀହଂସପୁରକୁ ଯାତ୍ରା କରିଥାନ୍ତି । ଗୁମ୍ଫାରେ ସ୍ନାନ କରିବା ପରେ ଦେବୀ ବାରଭୂଜାଙ୍କ ନିକଟରେ ଯଜ୍ଞ ଆରମ୍ଭ ହୋଇଥାଏ । ତେବେ ଅଖଣ୍ଡ ଧ୍ୱନି ଜାଳି ସାଧୁସନ୍ଥମାନେ ତପସ୍ୟାରେ ରହି ମାଘସପ୍ତମୀ ଦିନ ସୂର୍ଯ୍ୟଙ୍କୁ ଦର୍ଶନ କରିବା ସହ କୁମ୍ଭମେଳାରେ ବାରଭୁଜାଙ୍କ ନିକଟରେ ଦର୍ଶନ କରି ଆଶିଷ ଲାଭ କରିଥାନ୍ତି ।

ଯାତ୍ରା ନାଟକ ପରମ୍ପରା

ଓଡ଼ିଶାରେ ଲୋକନାଟକ ଭାବରେ ଅପେରା ବା ଗଣନାଟ୍ୟ ନାମରେ ପରିଚୟ ନେଇ ଯାତ୍ରା ନାଟକ, ସଂଗୀତ ଓ ନୃତ୍ୟର କଳାକୀର୍ତ୍ତି ପ୍ରଦର୍ଶନ କରିଥାଏ । ଇତିହାସରୁ ଯାହା ଜଣାଯାଏ ଯେ, ରଙ୍ଗମଞ୍ଚରେ ଆଗକାଳରେ କେବଳ ପୌରାଣିକ ନାଟକଗୁଡ଼ିକ ମଞ୍ଚସ୍ଥ ହେଉଥିଲା । ପରେ ପରେ ମୋଗଲମାନଙ୍କ ସମୟରେ ଅନେକ ହିନ୍ଦୁସ୍ଥାନୀ ଭାଷା ବ୍ୟବହାର ହେବାରୁ, ପୌରାଣିକ, ସାମାଜିକ ଓ ପାରିବାରିକ ନାଟକଗୁଡ଼ିକ ମଞ୍ଚସ୍ଥ ହେବାରେ ଲାଗିଲା । ତେବେ ଗଣକବି ବୈଷ୍ଣବ ପାଣିଙ୍କ ସମୟରୁ ଗୀତିନାଟ୍ୟର ପ୍ରବର୍ତ୍ତନ ହେବା ପରେ ଯାତ୍ରାର ଉତ୍ତରଣ ଘଟିଥିଲା ।

ଜନମାନସରେ ମନ ମୋହୁଥିବା ଖଣ୍ଡଗିରି ମେଳାର ଏକ ମୁଖ୍ୟ ଆକର୍ଷଣ ହେଉଛି ଯାତ୍ରା ପରିବେଷଣ ପରମ୍ପରା । ଓଡ଼ିଶାର ଯାତ୍ରା ଜଗତର ପ୍ରମୁଖ ନାମୀଦାମୀ ଅପେରା ପାର୍ଟିଗୁଡ଼ିକର ପ୍ରତିଯୋଗିତା ଏହି ମେଳାରେ ଦେଖିବାକୁ ମିଳିଥାଏ । ଖଣ୍ଡଗିରି ମେଳା ଅବସରରେ ସାତଟି ପେଣ୍ଡାଲ୍‌ରେ ପ୍ରାୟ ପନ୍ଦରଟି ନାମୀ ଅପେରା ପାର୍ଟି ଏଠି ନିଜର ନାଟ୍ୟାଭିନୟ ଶକ୍ତି ପ୍ରଦର୍ଶନ କରିଥାନ୍ତି । ଗୋଟିଏ ପେଣ୍ଡାଲରେ ପ୍ରାୟ ତିନି ହଜାରରୁ ଅଧିକ ଦର୍ଶକ ନାଟକ ଦେଖିବାର ମଜା ନେଇଥାନ୍ତି । ତେବେ ଏହି ଖଣ୍ଡଗିରି ଯାତ୍ରା ମହୋତ୍ସବରେ ଏକାବେଳକେ ପ୍ରାୟ ଦଶ ହଜାରରୁ ଅଧିକ ଦର୍ଶକ ପ୍ରତିଦିନ ଏହି ଗଣଭୋଗ୍ୟ କଳା ଯାତ୍ରା ଦେଖିବାର ଆନନ୍ଦ ନେଇଥାନ୍ତି ।

ଯାତ୍ରାରେ ଅପସଂସ୍କୃତି

ବାସ୍ତବିକ ଦେଖିବାକୁ ଗଲେ ନାଟ୍ୟଶାସ୍ତ୍ରର ସ୍ରଷ୍ଟା ଭରତ ମୁନି ଆମ ସଂସ୍କୃତିର ଭିତ୍ତିଭୂମି ପାଇଁ ଯେଉଁ ଉଦ୍ଦେଶ୍ୟ ନିମନ୍ତେ ନାଟକ ସୃଷ୍ଟି କରିଥିଲେ, ତାହା ଆଜିର ଉଚ୍ଛୃଙ୍ଖଳ ସମାଜ ପାଇଁ ନାଟକୀୟ ଭଙ୍ଗୀରେ ବିଲୀନ ହେବାକୁ ଯାଉଛି। ଏବେ ନାଟ୍ୟକଳା ଧ୍ୱସ ଅଭିମୁଖେ ବର୍ତ୍ତମାନ ଦର୍ଶକ ବା ନାଟ୍ୟପ୍ରେମୀ। ତେବେ ଏହି ଅପସଂସ୍କୃତି ଆଉ କେତେ ଦିନ? ଏହି ଧାରା ବିଲକ୍ଷଣ ଅପସଂସ୍କୃତିର ଲକ୍ଷଣ ନୁହେଁ ତ? ତେବେ ଏଠି ଯାତ୍ରାର ବୟସକୁ ଦେଖି ବସିଲେ ଏହା ପ୍ରାୟ ୧୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ। ତା'ର ଉତ୍‌ଥାନ ପତନ ଏଠି ଯେତିକି ସ୍ମରଣୀୟ ତାର ଜଞ୍ଜାଳ ମଧ୍ୟ ଠିକ୍ ସେହିଭଳି। ସତ କହିବାକୁ ଗଲେ ଯାତ୍ରା ଏବେ କିନ୍ତୁ ଯନ୍ତ୍ରଣାରେ। କାରଣ ଯାତ୍ରା ମଞ୍ଚରେ ଆଇଟମ୍ ଗର୍ଲମାନଙ୍କର ବିଭିନ୍ନ ଅଙ୍ଗ ପ୍ରଦର୍ଶନ କରିବା ଓଡ଼ିଆ ଅସ୍ମିତା ପ୍ରତି ଢେର୍ ଅପମାନ ଆଣି ଦେଇଛି। ନାଟକ ଅପେକ୍ଷା ଏହି ଅର୍ଦ୍ଧଉଲଗ୍ନ ନୃତ୍ୟ ଯାତ୍ରାକୁ ଏକ ଅପସଂସ୍କୃତିର ମାନ୍ୟତା ଦେଉଛି। କିନ୍ତୁ ଏ ବର୍ଷ ଖଣ୍ଡଗିରି ଯାତ୍ରା ମହୋତ୍ସବରେ ସରକାରଙ୍କ ପକ୍ଷରୁ ଏ କ୍ଷେତ୍ରରେ ଯେଉଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା, ଯାତ୍ରା ନାଟକ ପାଇଁ ତାହା ସର୍ବମଙ୍ଗଳକାରୀ ରହିଥିଲା। ଅର୍ଥାତ୍ ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳତା ପ୍ରଦର୍ଶନ ହେଲେ ଏହାକୁ ତତ୍‌କ୍ଷଣାତ୍ ବନ୍ଦ କରାଯିବା ସହ ଜରିମାନାର ବ୍ୟବସ୍ଥା ମଧ୍ୟ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ତେବେ ଐତିହ୍ୟ ପରମ୍ପରା ଓ ସଂସ୍କୃତିକୁ ଆଧାର କରି ଯାତ୍ରା କରିବା ପାଇଁ ବିଏମ୍‌ସି ତଥା ଓଡ଼ିଶା ସରକାରଙ୍କ କମିଶନରେଟ୍ ପୋଲିସ୍ ତରଫରୁ ଯଥେଷ୍ଟ କାର୍ଯ୍ୟାନୁଷ୍ଠାନ ଏ କ୍ଷେତ୍ରରେ ମଧ୍ୟ ନିଆଯାଇଥିଲା।

ଖଣ୍ଡଗିରିରେ ଯାତ୍ରା ଲଢ଼େଇ

ଖଣ୍ଡଗିରି ଯାତ୍ରା ଉତ୍ସବ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯାତ୍ରା ମହାକୁମ୍ଭ ଉତ୍ସବ ଆରମ୍ଭ ହୋଇଥିଲା। ମନ କିଣିଲା ଭଳି ରେକର୍ଡ ଡ୍ୟାନ୍ସ ସହିତ ଦମ୍‌ଦାର ସଂଳାପ, ରଙ୍ଗିନ ଲାଇଟ୍, ସଂଗୀତ ଓ ନାଟକରେ ମନ କିଣିଥିଲା ଭୁବନେଶ୍ୱର ଖଣ୍ଡଗିରି ଯାତ୍ରା। ଗତ ଜାନୁଆରୀ ୨୭ ତାରିଖ ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା ଏହି ଯାତ୍ରାରେ ବିଭିନ୍ନ ପାର୍ଟି ସେମାନଙ୍କର ଦମ୍‌ଦାର ନାଟକ ପ୍ରଦର୍ଶନ କରିଥିଲେ। ସୁନ୍ଦର ସଂଳାପ, ନୃତ୍ୟରେ ଦର୍ଶକମାନଙ୍କର ତାଳିମାଡ଼ରେ ପ୍ରକମ୍ପିତ ହୋଇ ଉଠିଥିଲା ଖଣ୍ଡଗିରି ଯାତ୍ରା ପଡ଼ିଆ। ଏଥିରେ ପ୍ରଥମେ ଚାରିଗୋଟି ପାର୍ଟି ନିଜର ଅଭିନୟ ଦେଖାଇଥିଲେ। ପ୍ରଥମରୁ ଜାତୀୟ ସଂଗୀତ ଗାନ ସହିତ ନୂଆ ପୁରୁଣା ଟ୍ରେଡିଂ ଗୀତର ମେଲୋଡ଼ି ଦର୍ଶକଙ୍କୁ ଚମକାଇ ଦେଇଥିଲା। ଚଳିତବର୍ଷ ଯାତ୍ରା ମହାକୁମ୍ଭରେ ମୋଟ ସାତ ଗୋଟି ଯାତ୍ରା ଅନୁଷ୍ଠାନକୁ ନାଟକ ରିବେଷଣ କରିବାକୁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଥିଲା। 'ଡକ୍ଟର ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ' ଯାତ୍ରା କମିଟିର 'ଅପେରା ଅଶୋକ ସମ୍ରାଟ'ର 'ଅଧା ରହିଗଲା ଆମ କାହାଣୀ' ମଞ୍ଚସ୍ଥ ହୋଇଥିଲା। ସେହିପରି 'ସନାତନ ସେବା କମିଟି'ର 'କୋଣାର୍କ ଗଣନାଟ୍ୟ'ରେ 'ତୁ ମୋ ଭାଗ୍ୟରେ ନାହୁଁ' ଅଭିନୀତ ହୋଇଥିଲା। 'ଇନ୍ଦିରା ସାଂସ୍କୃତିକ ଯୁବ ପରିଷଦ'ର 'ଯାତ୍ରା ସିଂହବାହିନୀ' ତରଫରୁ ମଞ୍ଚସ୍ଥ ହୋଇଥିଲା 'ତୁ ମୋ ବଜରଙ୍ଗୀ' ନାଟକ। 'ଅନନ୍ତକେଶରୀ ଦେବ ସାଂସ୍କୃତିକ ଯୁବ ପରିଷଦ' ପକ୍ଷରୁ ଧଉଳି ଗଣନାଟ୍ୟରେ ଏଥର ମଧ୍ୟ ମଞ୍ଚସ୍ଥ ହୋଇଥିଲା 'ସବୁ ଅଙ୍କ ଭୁଲ ହୋଇଗଲା' ନାଟକ। ଦର୍ଶକଙ୍କୁ ମନ ମୋହିଥିବା ଯାତ୍ରା ନାଟକର 'ତୁ ମୋ ବଜରଙ୍ଗୀ' ଖଣ୍ଡଗିରିରେ ବେଶ୍ ଯାତ୍ରା ପ୍ରେମୀଙ୍କ ମନ କିଣି ନେଇଥିଲା। ଡକ୍ଟର ଦୀପକ ଜେନାଙ୍କ ରଚିତ ସୁପରହିଟ୍ ନାଟକ 'ତୁ ମୋ ବଜରଙ୍ଗୀ' ଓ ପୀୟୂଷଙ୍କର ଦମ୍‌ଦାର ଅଭିନୟ ଯାତ୍ରାପ୍ରେମୀଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏ ବର୍ଷ ଯାତ୍ରା ମହୋତ୍ସବରେ ଅଭିନେତା ମିଲନ୍, ସିନେ ତାରକା ଅଙ୍କିତ୍, ଖଳନାୟକ ମନୋଜ, କମେଡିଆନ୍ ଗଣେଶ, ଅଭିନେତ୍ରୀ ସାରା ଓ ଖଳନାୟିକା ସରୋଜିନୀଙ୍କ ଭଳି ଦକ୍ଷ କଳାକାରମାନେ ଅଭିନୟ କରି ଖଣ୍ଡଗିରି ଯାତ୍ରା ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲେ। 'ସନାତନ ସେବା କମିଟି' ତରଫରୁ ପ୍ରଥମେ ମଞ୍ଚସ୍ଥ ହୋଇଥିଲା କୋଣାର୍କ ଗଣନାଟ୍ୟର ନାଟକ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ'। ଏଥିରେ ଭିଲିଆନ୍ ଦୈତାରୀ ପଣ୍ଡା, ମିଟୁନା, ନଳିନୀ ପ୍ରମୁଖ ଅଭିନୟ କରିଥିଲେ। ସେହିଭଳି 'ଅନନ୍ତକେଶରୀ ଦେବ ସାଂସ୍କୃତିକ ଯୁବ ପରିଷଦ' ଖଣ୍ଡଗିରି ମଞ୍ଚରେ ଧଉଳି ପକ୍ଷରୁ ନାଟକ 'ଚଣ୍ଡାଶୋକ' ପରିବେଷଣ ହୋଇଥିଲା। ଏଥିରେ ଅଭିନେତା ରୁଦ୍ର, ସ୍ମରଣିକା ଲକ୍ଷ୍ମୀଧର, ଆକାଶ ପ୍ରମୁଖ ଅଭିନୟ କରିଥିଲେ। ମା' ମଙ୍ଗଳା ସାଂସ୍କୃତିକ ଯୁବ ପରିଷଦ ତରଫରୁ ଜାନୁଆରୀ ୨୯ ତାରିଖରୁ ଯାତ୍ରା ପରିବେଷଣ ଆରମ୍ଭ ହୋଇଥିଲା।

ଦୀର୍ଘ ବର୍ଷ ହେଲା ଖଣ୍ଡଗିରି ମେଳା ଅବସରରେ ଆୟୋଜିତ ହୋଇଆସୁଛି ଯାତ୍ରା। ଏହି ଯାତ୍ରା ମହାକୁମ୍ଭ ମାଲିକଙ୍କଠାରୁ ଆରମ୍ଭ କରି କଳାକାରଙ୍କ ପର୍ଯ୍ୟକନ୍ତ ସମସ୍ତଙ୍କ ଭିତରେ ଉତ୍ସାହ ଭରି ଦେଉଛି। ବିଶେଷ କରି ଯାତ୍ରାପ୍ରେମୀଙ୍କ ପାଇଁ ଖଣ୍ଡଗିରି ଯାତ୍ରା ମହାସମର ପ୍ରମୁଖ ଆକର୍ଷଣ ପାଲଟିଛି। ■

ନାଭିଖଣ୍ଡ, ଭରତପୁର, କେନ୍ଦ୍ରାପଡ଼ା

କୃଷ୍ଣଚନ୍ଦ୍ର ଜେନା

ଖଣ୍ଡଗିରିର ଯାତ୍ରା ପରମ୍ପରା

ଖଣ୍ଡଗିରି ମେଳା କେବେଠାରୁ ଆରମ୍ଭ ହୋଇଛି ତାହାର କୌଣସି ପ୍ରାମାଣିକ ତଥ୍ୟ ନାହିଁ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏହି ମେଳାକୁ ଅନେକ ସାଧୁସନ୍ଥ ତଥା ସାଧାରଣ ଜନତା ଆସିଥାନ୍ତି । ବିଶେଷ କରି ପୂର୍ବରୁ ଚନ୍ଦ୍ରଭାଗାରୁ ବୁଢ଼ ପକାଇ ସାଧୁସନ୍ଥମାନେ ଖଣ୍ଡଗିରି ମେଳାକୁ ଆସୁଥିଲେ । ଖଣ୍ଡଖିରି କରି ଖାଉଥିଲେ । ପାଖଆଖର ଲୋକେ ଶଗଡ଼ ଗାଡ଼ିରେ ଆସି ବଡ଼ ବଡ଼ ବରଗଛ ମୂଳେ ଖଣ୍ଡଖିରି ଖାଉଥିଲେ । ଏଠାରେ ସାତ ଦିନ ଧରି ମେଳା ହୁଏ । ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୂତି ହୁଏ । ଅନନ୍ତ କେଶରୀ ବିଜେ କରନ୍ତି । ବାରଭୁଜାଙ୍କ ପୀଠରେ ଯେଉଁ ଯଜ୍ଞ ହୁଏ, ତାହା ପୂର୍ଣ୍ଣମୀ ଦିନ ସମାପନ ହୁଏ ।

ଯାତ୍ରା ପରିବେଷଣର ପରିକଳ୍ପନା

ଦୀର୍ଘ ଦିନ ହେଲା ଖଣ୍ଡଗିରି ମେଳା ହୋଇଆସୁଛି । ସେତେବେଳେ ଗମନାଗମନର ବିଶେଷ କିଛି ସୁବିଧା ନଥିଲା । ରାତିରେ ଖଣ୍ଡଗିରି ଆଖପାଖ ଅଞ୍ଚଳ ନିରାପଦ ନଥିଲା । ମେଳା ଦେଖିବାକୁ ଆସୁଥିବା ଲୋକଙ୍କ ରାତ୍ରି ରହଣି ପାଇଁ କୌଣସି ସୁବିଧା ନଥିଲା । ରାତିରେ ବାଘ, ଭାଲୁ ଆଦି ବନ୍ୟ ଜୀବଜନ୍ତୁଙ୍କ ଭୟ ଥିଲା । ଥରେ ମେଳା ସମୟରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଏହି ରାସ୍ତା ଦେଇ ଯାଉଥିଲେ । ସେ ମେଳା ବୁଲି ଆସି ଏଠାରେ ବିକ୍ରି ହେଉଥିବା ସ୍ୱାଦିଷ୍ଟ କାକୁଡ଼ି ଖାଇଥିଲେ । ସେତେବେଳେ ଆମ ଅନୁଷ୍ଠାନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସୁନ୍ଦରା ଉପସ୍ଥିତ ଥିଲେ । ସେ ଥିଲେ ଡକ୍ଟର ମହତାବଙ୍କ ବନ୍ଧୁ । ପୂର୍ଣ୍ଣଚନ୍ଦ୍ର ବାବୁଙ୍କୁ ଡକ୍ଟର ମହତାବ ପାଖକୁ ଡାକିଥିଲେ । ସେତେବେଳେ ମେଳା ଦେଖିବାକୁ ଆସୁଥିବା ଲୋକେ ଗଛମୂଳେ ରାତ୍ରି ଯାପନ କରୁଥିଲେ । ତେଣୁ ରାତ୍ରିଯାପନ ପାଇଁ ସେମାନଙ୍କ ନିମନ୍ତେ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ । ଏପରିକି ରାତ୍ରିଯାପନ ସହିତ ସେମାନଙ୍କର ମନୋରଞ୍ଜନ ନିମନ୍ତେ ଯାତ୍ରା ପାର୍ଟି ଡକାଇ ନାଟକ ପ୍ରଦର୍ଶନ କରିବାକୁ ଡକ୍ଟର ମହତାବ କହିଥିବା ଆମେ ବୟୋଜ୍ୟେଷ୍ଠମାନଙ୍କଠାରୁ ଶୁଣିଛୁ । ତେଣୁ ଲୋକଙ୍କ ରାତ୍ରି ରହଣି ଓ ମନୋରଞ୍ଜନ ନିମନ୍ତେ ଯାତ୍ରା କରିବାକୁ ଡକ୍ଟର ମହତାବ ପରାମର୍ଶ ଦେଇଥିଲେ ।

୧୯୬୫ ମସିହାରୁ ଯାତ୍ରା ଆରମ୍ଭ

୧୯୬୫ ମସିହାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ପରାମର୍ଶକ୍ରମେ ଖଣ୍ଡଗିରି ମେଳା ଅବସରରେ ଯାତ୍ରା ପରିବେଷଣ ଆରମ୍ଭ ହୋଇଥିଲା । ସେହିବର୍ଷ ଅର୍ଥାତ୍ ୧୯୬୫ ମସିହାରେ ଡକ୍ଟର ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ଗଠିତ ହୋଇଛି । ପ୍ରଥମେ ଏହାର ନାଁ ଥିଲା ଆଇଗିଣିଆ-ଡୁମଡୁମା ଯୁବ ଅନୁଷ୍ଠାନ । ଏହି ନାଁରେ ଅନୁଷ୍ଠାନ ରେଜିଷ୍ଟ୍ରେସନ୍ ହୋଇଛି । ଆଇଗିଣିଆ ଓ ଡୁମଡୁମାର ୧୪ ଜଣ ମିଶି ଏହି ଅନୁଷ୍ଠାନ ଗଠନ କରିଥିଲେ । ଖଣ୍ଡଗିରିରେ ଯାତ୍ରା ବା ଅପେରା ଆରମ୍ଭ ହେବା ପଛରେ ଡକ୍ଟର ମହତାବଙ୍କ ଅତୁଳନୀୟ ଅବଦାନ ରହିଛି । ସେଥିପାଇଁ ପରବର୍ତ୍ତୀ ସମୟରେ ଏହି ଅନୁଷ୍ଠାନର ନାମ ଡକ୍ଟର ମହତାବଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଡକ୍ଟର ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ' ନାମରେ ନାମକରଣ କରାଗଲା । ୧୯୬୫ ମସିହାରେ ପ୍ରଥମ ଥର ଖଣ୍ଡଗିରି ଯାତ୍ରା 'ଡକ୍ଟର ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ' ପକ୍ଷରୁ ଆରମ୍ଭ ହୋଇଥିଲା । ପ୍ରତିବର୍ଷ ଆମ ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠିତ ଯାତ୍ରା ଦଳଗୁଡ଼ିକକୁ ନାଟକ ପରିବେଷଣ ପାଇଁ ଆମନ୍ତ୍ରଣ କରାଯାଇଥାଏ । ଯାତ୍ରାରୁ ମିଳୁଥିବା ଲାଭାଂଶକୁ ଜନସାଧାରଣଙ୍କ ସେବାରେ ଖର୍ଚ୍ଚ କରାଯାଏ । ପୂର୍ବରୁ ସ୍ଥାନୀୟ ଅଞ୍ଚଳର ସ୍କୁଲଗୁଡ଼ିକର ଉନ୍ନତି ପାଇଁ ଖର୍ଚ୍ଚ କରାଯାଉଥିଲା । ବର୍ତ୍ତମାନ ବିଭିନ୍ନ ମନ୍ଦିର, ସାମାଜିକ କାର୍ଯ୍ୟରେ ଏହି ଟଙ୍କା ଖର୍ଚ୍ଚ କରାଯାଉଛି । ଏହା ଏକ ବ୍ୟବସାୟିକ ଅନୁଷ୍ଠାନ ନୁହେଁ । ମେଳା ଅବସରରେ ଲୋକମାନଙ୍କ ମନୋରଞ୍ଜନ କରିବା ସହିତ ଯାତ୍ରା କଳାକାରଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିବା ଆମର ଲକ୍ଷ୍ୟ । ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ ।

ଗୋଟିଏରୁ ସାତୋଟି ପେଣ୍ଡାଲ

ଖଣ୍ଡଗିରିରେ ଯାତ୍ରା କରିବା ପାଇଁ ସବୁ ବଡ଼ ବଡ଼ ପାର୍ଟି ଆଗ୍ରହ ପ୍ରକାଶ କରିଥାନ୍ତି । କାରଣ ଏଠାରେ ଯାତ୍ରା ପରିବେଷଣ ଦ୍ୱାରା ସେମାନଙ୍କ ଅଧିକ ପ୍ରଚାରପ୍ରସାର ହୋଇଥାଏ । ସେଥିପାଇଁ ଯାତ୍ରା ପାର୍ଟିଗୁଡ଼ିକ ପାଇଁ ଏହି ଖଣ୍ଡଗିରି ମଞ୍ଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିନା ଟଙ୍କାରେ ମଧ୍ୟ ଅନେକ ପାର୍ଟି ଏଠାରେ ନାଟକ ପ୍ରଦର୍ଶନ ପାଇଁ ଇଚ୍ଛା ପ୍ରକାଶ କରନ୍ତି । ଖଣ୍ଡଗିରିରେ ଯେଉଁ ପାର୍ଟି ଭଲ ନାଟକ ପ୍ରଦର୍ଶନ କରିଥାନ୍ତି, ବର୍ଷସାରା ବିଭିନ୍ନ ମଞ୍ଚରେ ସେମାନେ ଭଲ ପ୍ରଦର୍ଶନ କରିଥାନ୍ତି । ପ୍ରଥମେ ଗୋଟିଏ ମଞ୍ଚରୁ ଆରମ୍ଭ ହୋଇ ବର୍ତ୍ତମାନ ସାତୋଟି ମଞ୍ଚରେ ନାଟକ ପରିବେଷଣ କରାଯାଉଛି । ଚଳିତ ବର୍ଷ ସାତୋଟି ମଞ୍ଚରେ ପ୍ରାୟ ୧୫ଟି ଯାତ୍ରା ଦଳ ନାଟକ ପରିବେଷଣ କରିଥିଲେ । ପ୍ରତିବର୍ଷ ଗୋଟିଏ ପେଣ୍ଡାଲରେ ଦୁଇଟି ପାର୍ଟି ନାଟକ ପରିବେଷଣ କରିଥାନ୍ତି, ତେବେ ଚଳିତବର୍ଷ ଗୋଟିଏ ମଞ୍ଚରେ ତିନୋଟି ପାର୍ଟି ପକ୍ଷରୁ ନାଟକ ପ୍ରଦର୍ଶନ କରାଯାଇଥିଲା । ଆଗାମୀ ଦିନରେ ମଧ୍ୟ ଆମ ଅନୁଷ୍ଠାନ ଯାତ୍ରାର ଅଧିକ ପ୍ରଚାରପ୍ରସାର କରିବା ସହିତ ଲୋକଙ୍କ ମନୋରଞ୍ଜନ ପାଇଁ ନିରନ୍ତର ଭାବରେ କାର୍ଯ୍ୟ କରିବ । ■

ସଭାପତି, ଡକ୍ଟର ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ
ଆଇଗିଣିଆ, ଖଣ୍ଡଗିରି, ଭୁବନେଶ୍ୱର

ଯାତ୍ରା ଲଢ଼େଇରେ ସଂସ୍କୃତିର ବିକାଶ

ଗୌତମ ଚରଣ ଜେନା, ନାଟ୍ୟ ଗବେଷକ

କେଉଁ ପ୍ରାଚୀନ କାଳରୁ ଖଣ୍ଡଗିରି ମେଳା ପରମ୍ପରା ପ୍ରଚଳିତ ହୋଇଆସୁଛି, କିନ୍ତୁ ଆଧୁନିକ ରୂପରେ ଏହା ବ୍ରିଟିଶ୍ ଯୁଗରୁ ବା ସ୍ୱାଧୀନତା ପରେ ଆୟୋଜିତ ହୋଇଆସୁଛି । ପ୍ରତିବର୍ଷ ମାଘ ମାସ ସପ୍ତମୀରେ ନାଗାସାଧୁମାନେ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟରୁ ଆସି ଏଠାରେ ଏକତ୍ରିତ ହୁଅନ୍ତି । ମାଘ ସପ୍ତମୀ ମେଳାର ଆରମ୍ଭରେ ପବିତ୍ର ସ୍ନାନ ସହ ଖଣ୍ଡଖିରି ଭୋଗ ଏବଂ କଳସ ଯାତ୍ରା ଅନୁଷ୍ଠିତ ହୁଏ । ତେବେ ପ୍ରତିବର୍ଷ ମେଳା ଅବସରରେ ଖଣ୍ଡଗିରିରେ ଯାତ୍ରା ପରିବେଷଣ କରାଯାଇଥାଏ । ଖଣ୍ଡଗିରି ଯାତ୍ରାରେ ଅନେକ ଯାତ୍ରା ପାର୍ଟି ଭାଗ ନିଅନ୍ତି । ଯାହା ଏ ମେଳାକୁ ଏକ ବିରାଟ ସାଂସ୍କୃତିକ ଉତ୍ସବରେ ପରିଣତ କରାଇଥାଏ ।

ପ୍ରତିବର୍ଷ ଖଣ୍ଡଗିରିରେ ସାଧାରଣତଃ ୧୨ରୁ ୧୫ଟି ଯାତ୍ରା ପାର୍ଟି ନାଟକ ପ୍ରଦର୍ଶନ କରିଥାନ୍ତି । ୨୦୨୬ ମସିହାରେ ୭ଟି ପେଣ୍ଡାଲରେ ପ୍ରାୟ ୧୫ଟି ଯାତ୍ରା ଦଳ ନାଟକ ପ୍ରଦର୍ଶନ କରିଥିଲେ । ସେଗୁଡ଼ିକ ମଧ୍ୟରୁ ଯାତ୍ରା ସିଂହବାହିନୀ, ଶିବାନୀ ଗଣନାଟ୍ୟ, ଯାତ୍ରା ରଙ୍ଗମହଲ, ସ୍ୱର୍ଣ୍ଣମହଲ, କୋଣାର୍କ ଗଣନାଟ୍ୟ, ଅପେରା ସୂର୍ଯ୍ୟମନ୍ଦିର, ଯାତ୍ରା ଧଉଳି ଗଣନାଟ୍ୟ, ଅପେରା ରାଜଦରବାର, ଯାତ୍ରା ସାଇ ସମ୍ରାଟ, ଗୌରୀ ଗଣନାଟ୍ୟ, ଅପେରା ଦୁର୍ଗାମନ୍ଦିର, ଅପେରା ଅଶୋକ ସମ୍ରାଟ, କଳିଙ୍ଗ ଗଣନାଟ୍ୟ, ତୁଳସୀ ଗଣନାଟ୍ୟ ଆଦି ନାମିଦାମୀ ଯାତ୍ରା ପାର୍ଟି ଅନ୍ୟତମ ।

ଓଡ଼ିଆ ଯାତ୍ରାର ପାରମ୍ପରିକ ରୂପେ ୧୬ ଶହ ଶତାବ୍ଦୀରେ ଭକ୍ତି ଆନ୍ଦୋଳନରୁ ଉଦ୍ଭବ ହୋଇଥିଲା । ପାରମ୍ପରିକ ଯାତ୍ରା ଧାର୍ମିକ ଏବଂ ଗ୍ରାମୀଣ କାହାଣୀ ଉପରେ ଆଧାରିତ ଥିଲା, ଯେପରିକି ରାମାୟଣ, ମହାଭାରତ ଏବଂ ଜଗନ୍ନାଥଙ୍କ କଥା । ଏହା ସରଳ ମଞ୍ଚ, ପାରମ୍ପରିକ ବାଦ୍ୟଯନ୍ତ୍ର ଏବଂ ଲୋକଗୀତ ଉପରେ ନିର୍ଭର କରୁଥିଲା । ପାରମ୍ପରିକ ଯାତ୍ରାରେ ନାରୀ ଭୂମିକାରେ ପୁରୁଷମାନେ ଅଭିନୟ କରୁଥିଲେ ଏବଂ ତା' ଧାର୍ମିକ ଉଦ୍ଦେଶ୍ୟରେ ଆୟୋଜିତ ହେଉଥିଲା ।

ଆଧୁନିକ ଯାତ୍ରା ମିଡ଼ିଆ ଏବଂ ଆଧୁନିକ ଚିତ୍ତବିନୋଦନର ପ୍ରଭାବରେ ଏହା ଅତ୍ୟାଧୁନିକ ରୂପ ଧାରଣ କରିବସିଲା । ଏହା ଦେଶଭକ୍ତି ମୂଳକ, ଐତିହାସିକ ଏବଂ ସମକାଳୀନ ସାମାଜିକ ବିଷୟବସ୍ତୁକୁ ନେଇ ଅନ୍ତର୍ଭୁକ୍ତ କରାଇଲା । ଆଧୁନିକ ଯାତ୍ରାରେ ସୁନ୍ଦର ଆଲୋକ, ଶବ୍ଦ ବ୍ୟବସ୍ଥା, ସ୍ୱତନ୍ତ୍ର ପ୍ରଭାବ ଏବଂ ନାରୀ କଳାକାରମାନେ ଚମତ୍କାର ଅଭିନୟ କରି ବସିଲେ । ଏବେ ଏହା ବାଣିଜ୍ୟିକ ହୋଇଯାଇଛି । ଯାହା ଓଲିଉଡ୍‌ର ପ୍ରତିଦ୍ୱନ୍ଦ୍ୱୀ ସାଜିଛି । ଯାତ୍ରା ଜଗତ ବାର୍ଷିକ ୫୦ କୋଟି ଟଙ୍କାର ବ୍ୟବସାୟ କରୁଛି । ପାରମ୍ପରିକ ଯାତ୍ରା ଧାର୍ମିକ ଥିଲା, କିନ୍ତୁ ଆଧୁନିକ ସମାଜର ପ୍ରତିଫଳନରେ ଏବେ ଅଧିକ ଦର୍ଶକ ଯାତ୍ରା ଆଡ଼କୁ ଆକର୍ଷିତ ହୋଇଆସୁଛନ୍ତି । ଆଧୁନିକ ଯାତ୍ରା ଉନ୍ନତ । କାରଣ ଏହା ପରମ୍ପରାକୁ ସଂରକ୍ଷଣ କରି ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଯୋଡ଼ି ଅଧିକ ଆକର୍ଷଣୀୟ କରିବସିଛି । ଏହା ଯୁବ ପିଢ଼ିକୁ ସଂସ୍କୃତି ସହିତ ଯୋଡ଼ି ରଖିବା ସହିତ ଅର୍ଥନୈତିକ ସୁଯୋଗ ସୃଷ୍ଟି କରୁଛି । ଏହା ଭବିଷ୍ୟତରେ ଅଧିକ ବ୍ୟାପକ ଏବଂ ଉନ୍ନତ ହେବ, ଯାହା ଓଡ଼ିଆ ସଂସ୍କୃତିର ବିକାଶରେ ସହାୟକ ହେବ । ■

ସମାଜକୁ ନେଇ ନାଟକ ଲେଖା ଯିବା ଆବଶ୍ୟକ

ସତ୍ୟ ଜେନା (ଟୁନୁ), ନାଟ୍ୟ ନିର୍ଦ୍ଦେଶକ

ଓଡ଼ିଶାର ଯାତ୍ରା ନାଟକର ଲୋକପ୍ରିୟତା ବଢ଼ିବାରେ ଲାଗିଛି । ୮୦/୯୦ ଦଶକରେ ଯାତ୍ରାର କାହାଣୀ ଉଚ୍ଚକୋଟୀର ଥିଲା । ପରିବାର ସହ ଦେଖିଲା ଭଳି ନାଟକ ପରିବେଷଣ କରାଯାଉଥିଲା । ଯାତ୍ରା ମାଲିକ, ନିର୍ଦ୍ଦେଶକମାନେ କାହାଣୀ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ସେ ସମୟରେ ନାଟକରେ ଅଶ୍ଳୀଳତାକୁ ପ୍ରଶ୍ରୟ ଦେଉ ନଥିଲେ କି ସଂଳାପରେ ଅଶ୍ଳୀଳତା ନଥିଲା । ଏବେ ବ୍ୟବସାୟିକ ଦୃଷ୍ଟିକୋଣରୁ ମାଲିକମାନେ ସବୁ କିଛି ଭୁଲିଗଲେଣି । କିଛି ବ୍ୟବସାୟୀ କଳା ନାମରେ ନିଜ ସ୍ୱାର୍ଥ ପାଇଁ କଳାକାରମାନଙ୍କୁ ଅଧିକ ଦରମା ଦେଇ ନିଜ ବ୍ୟବସାୟ ଭିତରକୁ ଟାଣି ନେଲେ, ଯାହା ଫଳରେ କଳାକାରମାନେ ନିଜ କଳାକୁ ଛାଡ଼ି ଅର୍ଥ ପଛରେ ଧାଇଁଲେ । ସେହିପରି ଏବେ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଅଶ୍ଳୀଳତାର ସାହାରା ନିଆଯାଉଛି । ଫଳରେ ସମାଜ ଉପରେ ଏହାର ପ୍ରଭାବ ପଡ଼ିବାରେ ଲାଗିଛି,ଯେଉଁ ନାଟକପ୍ରେମୀ ବା ଯାତ୍ରାପ୍ରେମୀ ନିଜ ପରିବାର ସହ ନାଟକ ଦେଖିବାକୁ ଆଗ୍ରହୀ ଥିଲେ, ସେମାନେ ବାଧ୍ୟ ଦେଇ ନାଟକଠାରୁ ଦୂରେଇ ରହୁଛନ୍ତି । ଏହା ଆମ ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରଶ୍ନବାଚୀ ହୋଇ ଠିଆ ହୋଇଛି । ଅନେକ ନାଟ୍ୟକାର, ନିର୍ଦ୍ଦେଶକ, ନୃତ୍ୟଶିଳ୍ପୀ, ଗାୟକଗାୟିକାମାନଙ୍କ ସହିତ ଯାତ୍ରା ସହ ଜଡ଼ିତ ଆହୁରି ବହୁ ଲୋକ ଏହା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି । ତେଣୁ ତାଙ୍କ ଉପରେ ମଧ୍ୟ ପ୍ରଭାବ ଧୀରେ ଧୀରେ ପଡ଼ିବାରେ ଲାଗୁଛି, ଏଥିପାଇଁ ମାଲିକମାନେ ପ୍ରଥମେ ସଚେତନ ହେବା ଦରକାର । ଅନେକ ପ୍ରତିଭାବାନ ନୂଆ କଳାକାରମାନେ ଏବେ ବାହାରିଲେଣି, କିଛି ପୁରୁଣାଙ୍କ ସହ ନୂଆ ନୂଆ କଳାକାର, ନାଟ୍ୟକାର ଓ ନିର୍ଦ୍ଦେଶକମାନଙ୍କୁ ସୁଯୋଗ ଦେବାକୁ ପଡ଼ିବ, ସମସ୍ତେ ମିଶି ନାଟକର କାହାଣୀକୁ ଗୁରୁତ୍ୱ ଦେବାକୁ ପଡ଼ିବ । କଳାକାରମାନଙ୍କୁ ନେଇ ନାଟକ ନୁହେଁ, ନାଟକକୁ ନେଇ କଳାକାର ଚୟନ କରନ୍ତୁ । ଆଗରୁ ନାଟ୍ୟକାରମାନେ ସମାଜକୁ ନେଇ ନାଟକ ଲେଖୁଥିଲେ ଏବେ ବ୍ୟକ୍ତିକୁ ବା କିଛି ଆଗଧାଡ଼ିର କଳାକାରଙ୍କୁ ନେଇ ନାଟକ ଲେଖୁଛନ୍ତି । ଯାହା ଫଳରେ ନାଟକର ମାନ କମୁଛି । ମାଲିକମାନେ ସଚେତନ ନହେଲେ ଏ ସୁନ୍ଦର ସଂସ୍କୃତି, ଏ ଶିଳ୍ପ ଧୀରେ ଧୀରେ କିଛି ବର୍ଷ ପରେ ଲୋପ ପାଇଯିବ । ■



ସରକାରୀ ଚାକିରି ଛାଡ଼ି ଯାତ୍ରାକୁ ଆସିବା ସାର୍ଥକ ହୋଇଛି

ପୀୟୂଷ ତ୍ରିପାଠୀ, ଯାତ୍ରା ଅଭିନେତା

କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମଚାରୀରୁ ଯାତ୍ରା ଅଭିନେତା । ଯାତ୍ରା ମଞ୍ଚରେ ହିରୋରୁ ନେଗେଟିଭ୍ ତ ପୁଣି କେତେବେଳେ ହିରୋରୁ ଚରିତ୍ରାଭିନେତା ଭାବେ ନିଖୁଣ ଅଭିନୟ । କହିବାକୁ ଗଲେ ନୂଆ ପିଢ଼ିର ହିରୋଙ୍କ ମଧ୍ୟରେ ସେ ଏବେ ଆଗଧାଡ଼ିରେ । ତାଙ୍କର ନାଟକର ଗୋଟିଏ ଝଲକ ଦେଖିବା ପାଇଁ ଦର୍ଶକ ଚାତକ ପରି ଚାହିଁ ରୁହନ୍ତି । ଚଳଚଞ୍ଚଳ ଚାଲି ଆଉ ଚାହାଣି, ସଂଳାପର ଯାଦୁରେ ସେ ସତେ ଯେମିତି କିମିଆ କରିଦିଅନ୍ତି ଯାତ୍ରାପ୍ରେମୀଙ୍କୁ । ସେ ଯେଉଁ ଯାତ୍ରା ମଞ୍ଚରେ ଛିଡ଼ା ହେଲେ ସେଠି 'ହାଉସଫୁଲ୍' । ବିବାଦ, ବିତର୍କ ଭିତରେ ତାଙ୍କୁ ନେଇ ବି ଲେଖାଯାଉଛି କାହାଣୀ । ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ଯାତ୍ରାର ରାଣୀ 'ସିଂହବାହିନୀ' ମଞ୍ଚରେ ଅସଂଖ୍ୟ ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଥିବା ସେହି ଲୋକପ୍ରିୟ ଅଭିନେତା ପୀୟୂଷ ତ୍ରିପାଠୀଙ୍କ ସହିତ 'ସକାଳ'ର ସ୍ୱତନ୍ତ୍ର ଆଳାପ ।

ପୋଲିସ ଚାକିରି ଛାଡ଼ି ଯାତ୍ରାକୁ ଆସିବା ସାର୍ଥକ ହୋଇଛି କି ?

● ଆଜ୍ଞା, ଗୋଟିଏ କଳାକାର ହେବାକୁ ମୋର ବହୁତ ଇଚ୍ଛା ଥିଲା । ଚାକିରି ଛାଡ଼ିଥିଲି ଜଣେ କଳାକାର ହେବା ପାଇଁ । ଆଜି ଯେତେବେଳେ ଏତେ ଲୋକଙ୍କର ଭଲପାଇବା ଆଶୀର୍ବାଦ ମୋ ସାଥିରେ ଅଛି ମୁଁ ବହୁତ ଖୁସି ।

କେଉଁ କେଉଁ ଯାତ୍ରା ପାର୍ଟି ଏବଂ କେତୋଟି ନାଟକରେ ଅଭିନୟ କରଛନ୍ତି? ଆପଣଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ଯାତ୍ରା ?

● ମୋର ୧୧ ବର୍ଷ ଯାତ୍ରା କ୍ୟାରିୟର ମଧ୍ୟରେ 'କୋଣାର୍କ ଗଣନାଟ୍ୟ', 'ଇନ୍ଦ୍ରଭୁବନ', 'ପାର୍ବତୀ', 'ରଙ୍ଗମହଲ', 'ସୂର୍ଯ୍ୟମନ୍ଦିର' ଆଦି ଅନେକ ପାର୍ଟିରେ କାମ କରିଛି । ହାରାହାରି ୩୦ରୁ ଊର୍ଦ୍ଧ୍ୱ ଯାତ୍ରାରେ ଅଭିନୟ କରିଥିବି । 'ଅଧା ରାତିର ସାଥୀ' ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି ।

ଖଣ୍ଡଗିରି ଯାତ୍ରାକୁ କେତେବର୍ଷ ହେଲା ଆସୁଛନ୍ତି । ଅନ୍ୟ ମଞ୍ଚ ତୁଳନାରେ ଖଣ୍ଡଗିରି ମଞ୍ଚ କାହିଁକି ସ୍ୱତନ୍ତ୍ର ?

● ଯାତ୍ରା କ୍ୟାରିୟର ଆରମ୍ଭରୁ ମୁଁ ଖଣ୍ଡଗିରି ଯାତ୍ରାକୁ ଆସୁଛି । ରାଜଧାନୀର ମାହୋଲ, ଅଗଣିତ ଦର୍ଶକଙ୍କ ସାମ୍ନାରେ ପ୍ରତ୍ୟେକ କଳାକାରଙ୍କୁ ପ୍ରତିଭା ଦେଖାଇବାକୁ ଏକ ସୁଯୋଗ ମିଳେ । ଜଗନ୍ନାଥଙ୍କ ଆଶୀର୍ବାଦରୁ ମୋତେ ସେ ସୁଯୋଗ ମିଳୁଛି । ଖଣ୍ଡଗିରିରେ ନାଟକ ପରିବେଷଣ କଲେ କଳାକାରଙ୍କ ଅଭିନୟ ଆଉ ଟିକେ ମାର୍ଜିତ ହୋଇଥାଏ । ତେଣୁ ଅନ୍ୟ ଯାତ୍ରା ମଞ୍ଚ ତୁଳନାରେ ଖଣ୍ଡଗିରି ମଞ୍ଚ ସମ୍ପୂର୍ଣ୍ଣ ଭିନ୍ନ ।

କେଉଁ ଚରିତ୍ରରେ ଆପଣ ଅଧିକ ଆତ୍ମସନ୍ତୋଷ ପାଇଛନ୍ତି ?

● 'ଅଧା ରାତିର ସାଥୀ' ନାଟକର କ୍ରିଷ୍ଣା ଚରିତ୍ରରେ ଅଭିନୟ କରି ମୁଁ ଅଧିକ ଆତ୍ମସନ୍ତୋଷ ଲାଭ କରିଛି ।

ଦୀର୍ଘ ଦିନ ପରେ ପୁଣି ମଞ୍ଚକୁ ଆସିବାର ଅନୁଭୂତି ?

● ସେତେବେଳେ ଯେତିକି ଦୁଃଖ ମିଳିଥିଲା । ଯେତେ କଷ୍ଟ ଯନ୍ତ୍ରଣା ଥିଲା ତାହାକୁ ଲାଘବ କରିବାକୁ ବଡ଼ ଖୋରାକ ହେଉଛି ଯାତ୍ରା ମଞ୍ଚ । ମଞ୍ଚ ଚଢ଼ିବା ପରେ ମୋ' ଭିତରେ ଏକ ଅଫୁରନ୍ତ ଆନନ୍ଦ ଖେଳି ଯାଇଥିଲା । ମୋ ଖୁସିକୁ ଶବ୍ଦରେ ବର୍ଣ୍ଣନା କରିବା ସହଜ ନୁହେଁ ।

'ତୁ ମୋ ବଜରଙ୍ଗୀ' ଯାତ୍ରାଟି ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁଛି । ଏହାର ଶ୍ରେୟ କାହାକୁ ଦେବେ ?

● ପୂରା ଟିମ୍ ଆଉ ମୋର ଦର୍ଶକଙ୍କୁ ଶ୍ରେୟ ଦେବି । 'ତୁ ମୋ ବଜରଙ୍ଗୀ' ନାଟକ ଏକ ଭିନ୍ନ କାହାଣୀକୁ ନେଇ ରଚିତ । ଏଥିରେ ପାରିବାରିକ, ପ୍ରଭୁ ବଜରଙ୍ଗବଲୀଙ୍କ ପ୍ରତି ଭକ୍ତି, ପ୍ରେମ, ଭାଇଭଉଣୀଙ୍କ ସମ୍ପର୍କ ସବୁକିଛି ଦୃଶ୍ୟ ଭରପୂର ହୋଇରହିଛି । ଗୀତଗୁଡ଼ିକ ମନଛୁଆଁ ହୋଇଛି ମଧ୍ୟ । ଯେହେତୁ ଭଲ ନାଟକ ଦର୍ଶକଙ୍କୁ ବାନ୍ଧି ରଖିଥାଏ । ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ନିର୍ମାତା ଏମିତି ଏକ ମୌଳିକ କାହାଣୀକୁ ନେଇ ଯାତ୍ରା ଲେଖିଛନ୍ତି । ଦର୍ଶକ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହୋଇ ଟିକେଟ୍ କାଟି ଏହି ଯାତ୍ରା ଦେଖୁଥିଲେ । ଦର୍ଶକ କରତାଳି ମାଧ୍ୟମରେ ଆମ ଉପରେ ଭଲପାଇବା ଅଜାଡ଼ି ଦେଇଛନ୍ତି ।

ନାୟକରୁ ଖଳନାୟକ ପୁଣି ନାୟକ ଏଭଳି ଯାତ୍ରାରେ ଅଭିନୟ କରିବାରେ କିଛି ସମସ୍ୟା ହୋଇନି ?

● ନାୟକ ଆଉ ଖଳନାୟକ ଉଭୟ ହିଁ କାହାଣୀର ମୁଖ୍ୟ ଚରିତ୍ର । ଖଳନାୟକ ଯେତେ ଶକ୍ତିଶାଳୀ କାହାଣୀ ସେତେ ହିଟ୍ । ତେଣୁ ମୁଁ କେବଳ ସମୟ ସୁଯୋଗର ସଦୁପଯୋଗ କରିଛି । ମୋତେ ଯେଉଁ ଚରିତ୍ର ମିଳେ ମୁଁ ତାହାକୁ ନିଖୁଣ ଭାବେ ଫୁଟାଇବାକୁ ଚେଷ୍ଟା କରେ । ପରିଶ୍ରମ କରେ । ତେବେ ମୁଁ ଯେଉଁ ଚରିତ୍ର କରୁଛି ତାହା କେତେ ଗ୍ରହଣୀୟ ସେ କଥା କେବଳ ମୋର ଦର୍ଶକ ଭଲ ଭାବେ କହି ପାରିବେ ।

ଯାତ୍ରା ଜୀବନର ଦୁଃଖଦ ମୁହୂର୍ତ୍ତ ?

● କରୋନା ।

ପୀୟୂଷଙ୍କ ଦିନଚର୍ଯ୍ୟା ?

● ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ ଭଲ ନରହିଲେ ମଣିଷ କୌଣସି କାମକୁ ଠିକ୍ ଭାବେ କରିପାରିବ ନାହିଁ । ଯେହେତୁ ଆମେମାନେ ରାତି ଅନିଦ୍ରା ରହି ଅଭିନୟ କରୁଛୁ, ତେଣୁ ନିଜକୁ ଫିଟ୍ ରଖିବାକୁ ମୁଁ ପୂର୍ଣ୍ଣ ବିଶ୍ରାମ ନିଏ । ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

ପ୍ରିୟ ଅଭିନେତ୍ରୀ ?

● ମିଟୁନା ଅପା, ଜୁଲି ଅପା ।

ଦମ୍‌ଦାର ସଂଳାପ ?

● "ହିସାବ ହେବ, ଗୋଟି ଗୋଟି କରି ସମସ୍ତଙ୍କର ହିସାବ ହେବ । ଆଉ ହିସାବ ମୋ ବଜରଙ୍ଗୀ କରିବ । ଜୟ ଶ୍ରୀରାମ ।"

ପରିବାରକୁ କେମିତି ସମୟ ଦିଅନ୍ତି ?

● ଦର୍ଶକ ଆଉ ପରିବାର ଉଭୟ ତ ମୋ' ନିଜର । ଜଣକୁ ଆଦରି ଅନ୍ୟ ଜଣଙ୍କୁ ହତାଦାର କରିବା ଅସମ୍ଭବ । ତେଣୁ କଷ୍ଟ ଭିତରେ ବି ପରିବାରକୁ ସମୟ ଦେବାକୁ ପଡ଼େ ।

ପୀୟୂଷଙ୍କ ଆଗାମୀ ଯୋଜନା ?

● ସମୟ କହିବ । ■

"ଖଣ୍ଡଗିରି ମଞ୍ଚ ପ୍ରତ୍ୟେକ କଳାକାରଙ୍କ ପାଇଁ ସ୍ୱତନ୍ତ୍ର"

କାବେରୀ ପାଢ଼ୀ, ଯାତ୍ରା ଅଭିନେତ୍ରୀ

ଲାଇଟ୍, ସାଉଣ୍ଡ ଆଉ ନାଟକର ମନଛୁଆଁ କାହାଣୀ ସହ ଅଭିନେତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଯାତ୍ରା ମଞ୍ଚକୁ ଟାଣି ଆଣେ । ପ୍ରତି ନାଟକର ପ୍ରାରମ୍ଭିକ ମନୋରଞ୍ଜନ କାର୍ଯ୍ୟକ୍ରମ ସାଙ୍ଗକୁ ହାସ୍ୟ ଅଭିନେତା, ଖଳନାୟକ, ଚରିତ୍ରାଭିନେତା, ମୁଖ୍ୟ ଅଭିନେତା ଓ ଅଭିନେତ୍ରୀଙ୍କ ସଂଳାପ ଆଉ ଅଭିନୟ ଉପରେ ନିବଦ୍ଧ ଥାଏ ଦର୍ଶକଙ୍କ ଆଖି । ଏସବୁ ଭିତରେ କିନ୍ତୁ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତି ଯାତ୍ରାର ମୁଖ୍ୟ ଅଭିନେତ୍ରୀ । ମାମା, ଟିକି, ବେବିନା, ଡଲିଙ୍କ ପରି ଆଜି ବି ସେ ରାଜ୍ କରୁଛନ୍ତି ଯାତ୍ରା ମଞ୍ଚରେ । ସୁନା ଝିଅ ଶିବାନୀ କହିଲେ ତାଙ୍କୁ ସମସ୍ତେ ଜାଣନ୍ତି । 'ଶିବାନୀ ଗଣନାଟ୍ୟ'ର ମୁଖ୍ୟ ନାୟିକା କାବେରୀ ପାଢ଼ୀ । ଦୁଃଖ ଯନ୍ତ୍ରଣା ଆଉ ସଂଘର୍ଷକୁ ପଛରେ ଛାଡ଼ି ବେଶଭୂଷା, ଆକର୍ଷଣୀୟ ଚେହେରା, ସୁମଧୁର ସ୍ୱର ଆଉ ନିଖୁଣ ଅଭିନୟରେ ରାତି ସାରା ବାନ୍ଧି ରଖନ୍ତି ଦର୍ଶକଙ୍କ ମନକୁ । ଖଣ୍ଡଗିରି ଯାତ୍ରା ଅବସରରେ କାବେରୀଙ୍କ ସହିତ ଆମର ଅଳ୍ପ ଆଳାପ ।

ଯାତ୍ରା ଦୁନିଆରେ କେମିତି ପ୍ରବେଶ କରିଥିଲେ?

- ଭଦ୍ରକ, ବାସୁଦେବପୁର, ମନ୍ମଥପୁର ବ୍ରାହ୍ମଣୀ ଗାଁ'ରେ ମୋର ଜନ୍ମ । ପିଲାଦିନେ ଅଭିନେତ୍ରୀ ହେବାକୁ ଇଚ୍ଛା ଥିଲା । ସ୍କୁଲରେ ପ୍ରୋଗ୍ରାମରେ ଅଭିନୟ କରୁଥିଲି । ୨୦୦୨-୦୩ ରେ ଗାଁ'ରେ 'ସତ୍ୟମ ଲୋକ ନାଟ୍ୟମ' ପାର୍ଟି ପଡ଼ିଥାଏ । ପାର୍ଟି ସହିତ କଥାବାର୍ତ୍ତା କରି ମୁଁ ଯାତ୍ରାକୁ ପଳାଇ ଆସିଥିଲି । ଆଜକୁ ୨୩ ବର୍ଷ ହେବ ଯାତ୍ରା ସହିତ ଜଡ଼ିତ ହୋଇରହିଛି ।

କେଉଁ କେଉଁ ଯାତ୍ରା ପାର୍ଟିରେ ଅଭିନୟ କରିଛନ୍ତି? ଏପର୍ଯ୍ୟନ୍ତ କେତୋଟି ନାଟକରେ ଅଭିନୟ କରିଛନ୍ତି?

- 'ସତ୍ୟମ୍ ଲୋକ ନାଟ୍ୟମ', 'ଟାଇଗର ତାରିଣୀ', 'ମୁକ୍ତେଶ୍ୱର ଅପେରା', 'ଗୌରୀ ଗଣନାଟ୍ୟ', 'ଶିବାନୀ','ଇଷ୍ଟର୍ଣ୍ଣ ପିଙ୍କ୍', 'କଳିଙ୍ଗ', 'ସ୍ୱର୍ଣ୍ଣମହଲ' ଏବେ ଶିବାନୀରେ । କେତେ ଯେ ନାଟକ କରିଛି ହିସାବ ନାହିଁ । 'ସୁନାଝିଅ ଶିବାନୀ', 'ରଙ୍ଗବତୀ ରଷିଛି', 'ସିନ୍ଦୂର ହାଟରେ ନାହିଁ ସିନ୍ଦୂର', 'ଅସତୀ ତୁଳସୀ ସତୀ ଚଉରା', 'ହା କୃଷ୍ଣ ବୋଲି ଯାଉ ଜୀବନ', 'ମେମ୍ ସାହବ', 'ଏ ମନ କାଶୀ ବୃନ୍ଦାବନ' ଆଦି ନାଟକରେ ଅଭିନୟ ଲୋକପ୍ରିୟ ହୋଇପାରିଛି ।

ଯାତ୍ରାର କେଉଁ ଚରିତ୍ରରେ ଅଭିନୟ କରି ଆପଣ ଅଧିକ ଆତ୍ମସନ୍ତୋଷ ପାଇଛନ୍ତି?

- 'ସୁନାଝିଅ ଶିବାନୀ'ର 'ଶିବାନୀ' କହିଲେ ମୋତେ ସମସ୍ତେ ଚିହ୍ନନ୍ତି । 'ହା କୃଷ୍ଣ ବୋଲି ଯାଉ ଜୀବନ'ର 'ଚଇତି' ଚରିତ୍ରରେ ବି ଆତ୍ମସନ୍ତୋଷ ପାଇଛି । ଚଇତି ଚରିତ୍ର ପାଇଁ ବହୁତ କଷ୍ଟ କରିବାକୁ ପଡ଼ିଥିଲା । ଶ୍ୱଶୁରଙ୍କ ମର ଶରୀରକୁ କାନ୍ଧରେ ବୋହିବା ଦୃଶ୍ୟ କରି ମୋର କାନ୍ଧ ଫୁଲିଯାଏ । ଦର୍ଶକଙ୍କ କରତାଳିରେ ମୋର ସବୁ ଯନ୍ତ୍ରଣା ଲାଘବ ହୋଇଯାଏ ।

କେତେବର୍ଷ ହେଲା ଖଣ୍ଡଗିରି ଯାତ୍ରାକୁ ଆସୁଛନ୍ତି? ଖଣ୍ଡଗିରି ମଞ୍ଚ ଓ ଅନ୍ୟ ମଞ୍ଚ ଭିତରେ କ'ଣ ଫରକ୍ ଅନୁଭବ କରନ୍ତି?

- ୧୧ ବର୍ଷ ହେବ ଖଣ୍ଡଗିରି ଯାତ୍ରାକୁ ଆସୁଛି । ଖଣ୍ଡଗିରିରେ ଭୁବନେଶ୍ୱର ଦର୍ଶକଙ୍କ ସହିତ ବିଭିନ୍ନ ସ୍ଥାନର ଦର୍ଶକ ଯାତ୍ରା ଦେଖନ୍ତି । ପାର୍ଟି ପାର୍ଟି ଭିତରେ ଲଢ଼େଇ ହୁଏ । କଳାକାରଙ୍କ ମଧ୍ୟରେ ମହାମିଳନ । ଦର୍ଶକଙ୍କ ଭଲ ପାଇବା ମିଳେ । ତେଣୁ ଖଣ୍ଡଗିରି ମଞ୍ଚ ପ୍ରତ୍ୟେକ କଳାକାରଙ୍କ ପାଇଁ ସ୍ୱତନ୍ତ୍ର ।

'ରଜ ସୁନ୍ଦରୀକୁ ସଜ ସିନ୍ଦୂର' ଦର୍ଶକଙ୍କ ହୃଦୟକୁ କାହିଁକି ଛୁଇଁଛି?

- 'ରଜ ସୁନ୍ଦରୀକୁ ସଜ ସିନ୍ଦୂର'ରେ ମୁଁ ରଜ ସୁନ୍ଦରୀ ଚନ୍ଦନା ହୋଇଛି । ସମାଜ ପାଇଁ ଭଲ ବାର୍ତ୍ତା ରହିଛି । ଚନ୍ଦନା ରଜ ସୁନ୍ଦରୀ ହେଉଛି । ବାହାଘର ପରେ ଶାଶୂ ଘରଲୋକ ତାକୁ ପସନ୍ଦ କରୁନାହାଁନ୍ତି । ଜଣେ ମହିଳା ନିଜ ପ୍ରତିଭା ପ୍ରଦର୍ଶନ ଯୋଗୁଁ ସେ କେତେ ସଂଘର୍ଷ କରୁଛି ଆଉ କିପରି ସଫଳତାର ସ୍ୱାଦ ଚାଖୁଛି ତାକୁ ନେଇ ଆମର କାହାଣୀ ।

ପରିବାରକୁ କେମିତି ସମୟ ଦିଅନ୍ତି?

- ୧୦ ମାସ କାମ କଲେ ୨ ମାସ ଅଭ୍ୟାସ କରୁ । ମୋର ୧୧ ବର୍ଷ ଝିଅ ତା' ମାଉସୀଙ୍କ ପାଖେ ରହୁଛି । ତା'ର ଦେହପା ଖରାପ ହେଲେ ତା' ପାଖେ ରହିହୁଏନି ଭାରି କଷ୍ଟ ଲାଗେ । ନବରଙ୍ଗପୁରରେ ଯାତ୍ରା ଚାଲିଥାଏ । ଜେଜେମା ଚାଲିଯିବା ଦିନକ ପରେ ଖବର ପାଇଲି । ଏହି ଘଟଣା ବି ଜୀବନର ସବୁଠୁ ଦୁଃଖଦ ମୁହୂର୍ତ୍ତ ।

ଜୀବନ୍ତ ଅଭିନୟ ପାଇଁ କେମିତି ପ୍ରସ୍ତୁତ କରନ୍ତି ?

- ସ୍ୱାସ୍ଥ୍ୟବସ୍ଥା ଖରାପ ଥିଲେ ବି ମଞ୍ଚ ଚଢ଼ିବାକୁ ହୁଏ । ମେକ୍‌ଅପ୍ ଲଗାଇ ମଞ୍ଚକୁ ମୁଣ୍ଡିଆ ମାରିବା ପରେ ଆମ ଭିତରେ ଶକ୍ତି ଆସେ । ଦର୍ଶକଙ୍କ କରତାଳି ଦେଖି ସବୁ ଭୁଲାଇଦିଏ । ଦର୍ଶକ ଟିକେଟ୍ କାଟି ଯାତ୍ରା ଦେଖନ୍ତି । ତେଣୁ ଅଭିନୟକୁ ଜୀବନ୍ତ କରିବାକୁ ଚେଷ୍ଟା କରେ ।

ଆପଣଙ୍କ ପ୍ରିୟ କଳାକର କିଏ ?

- ଅଜୟ ମିଶ୍ର ଆଉ ଟିକି ଅପା ।

ଯାତ୍ରା କଳାକାରଙ୍କ ଜୀବନଶୈଳୀ ?

- ଯାତ୍ରା କଳାକାର ଜୀବନ ଯାଯାବର ଜୀବନ । ଏସି କୋଠରି ତ ଆଉ କେଉଁଠି କାହା ଭଙ୍ଗାଘର, ସ୍କୁଲ, ଚାଳିଆ ତଳେ ରହୁ । ସଂଘର୍ଷ ଭିତରେ ଜୀବନ ବିତେ ।

ଅନେକ କଳାକାର ଏବେ ଯାତ୍ରା ମୁହାଁ କାହିଁକି ?

- ସମୟ ସହିତ ସବୁ ବଦଳୁଛି । ଯାତ୍ରାରେ କଷ୍ଟ ଥିଲେ ବି ପଇସା ଅଧିକ । ଲାଇଭ୍ ଶୋ' ତେଣୁ ଯାତ୍ରାକୁ ଲୋକ ବେଶୀ ପସନ୍ଦ କରୁଛନ୍ତି ।

ଆପଣଙ୍କ ଫିଟ୍ ଫର୍ମୁଲା ?

- ସ୍ୱାସ୍ଥ୍ୟ ହିଁ ସମ୍ପଦ । ଖାଦ୍ୟପେୟକୁ ଧ୍ୟାନ ଦିଏ । ମୁଁ ପୂରା ନିରାମିଷାଶୀ । ଜୁସ୍ ପିଏ । ସବୁବେଳେ ଖୁସି ରୁହେ ।

ଗୋପାଳଜୀଙ୍କୁ ଧରି କାହିଁକି ବୁଲନ୍ତି ?

- ଆଣ୍ଠୁଆ ଗୋପାଳଙ୍କୁ ପାଖରେ ରଖିବାକୁ ବହୁତ ଇଚ୍ଛା ଥିଲା । ଚାରିଆଡେ ବୁଲୁଛୁ ତାଙ୍କ ନୀତିନିୟମ ମାନିବା ସମ୍ଭବ ନୁହେଁ । ତେଣୁ ଭଗବାନଙ୍କୁ ଇନଷ୍ଟାଗ୍ରାମରୁ ପାଇଥିଲି । ସେ ମୋ ପୁଅ । ମୁଁ ଯୁଆଡ଼େ ଯାଉଛି ତାଙ୍କୁ ନେଇ ବୁଲୁଛି ।

ଆଗାମୀ ଯୋଜନା ?

- ଦର୍ଶକଙ୍କ ଭଲପାଇବା ଯେ ପର୍ଯ୍ୟନ୍ତ ଥିବ ସେତେଦିନ ଅଭିନୟ କରୁଥିଲି ।

ଯାତ୍ରାର ଅନନ୍ୟ ଆକର୍ଷଣ ମେଲୋଡି

ନୃତ୍ୟ, ଗୀତ, ଅଭିନୟର ସମ୍ମିଶ୍ରଣ ନାଟକକୁ ସଫଳ କରାଇଥାଏ । ତେଣୁ ମଞ୍ଚ ନାଟକ ହେଉ କି ଯାତ୍ରା ନାଟକ - ସର୍ବଦା ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ତେବେ ଆଜିକାଲି ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଯାତ୍ରା ବା ଅପେରାରେ ନାଟକ ପ୍ରଦର୍ଶନ ପୂର୍ବରୁ ମେଲୋଡି ପରିବେଷଣ କରାଯାଉଛି । ଗାୟକଗାୟିକାଙ୍କ ସୁମଧୁର ସ୍ୱର ନାଟ୍ୟପ୍ରେମୀମାନଙ୍କ ହୃଦୟକୁ ସ୍ପର୍ଶ କରିପାରୁଛି । ସେହିପରି ଗୀତ ସହିତ ରେକର୍ଡ ଡ୍ୟାନ୍ସ ମଧ୍ୟ ଯାତ୍ରାର ପ୍ରମୁଖ ଆକର୍ଷଣ ପାଲଟିଛି । ଆଧୁନିକ ମଣିଷ ପାଇଁ ଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ମେଲୋଡି ।

ଦର୍ଶକଙ୍କ ପ୍ରଥମ ପସନ୍ଦ ମେଲୋଡି

ଖଣ୍ଡଗିରି ଯାତ୍ରା ମହାସମରରେ ରେକର୍ଡ ଡ୍ୟାନ୍ସ ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିଥାଏ । ୨୦୨୬ ମସିହା ଖଣ୍ଡଗିରି ଯାତ୍ରାରେ ପ୍ରଥମ ଦିନରୁ ଦର୍ଶକଙ୍କ ଭିଡ଼ି ଦେଖିବାକୁ ମିଳିଥିଲା । ନାଟକ ଆରମ୍ଭରୁ ନୂଆ ପୁରୁଣା ଓ ଟ୍ରେଣ୍ଡି ଗୀତର ମେଲୋଡି ଦର୍ଶକଙ୍କୁ ମତୁଆଲା କରିଦେଇଥିଲା । ରେକର୍ଡ ଡ୍ୟାନ୍ସର ତାଳେ ତାଳେ ଝୁମି ଉଠିଥିଲେ ଯାତ୍ରାପ୍ରେମୀ । ପ୍ରତିଟି ଯାତ୍ରା ଦଳର ମେଲୋଡି କାର୍ଯ୍ୟକ୍ରମ ଉପରେ ସମସ୍ତଙ୍କ ନଜର ଥାଏ । ତେଣୁ ଦର୍ଶକଙ୍କୁ ଆରମ୍ଭରୁ ବାନ୍ଧି ରଖିବା ପାଇଁ ଜବରଦସ୍ତ ମେଲୋଡ଼ି ପରିବେଷଣ କରାଯାଇଥାଏ । ଏପରିକି କେତେକ ଦର୍ଶକ କେବଳ ମେଲୋଡ଼ି ଦେଖିବାକୁ ଯାଇଥାନ୍ତି । ନାଟକ ଅପେକ୍ଷା ରଙ୍ଗାରଙ୍ଗ ମେଲୋଡ଼ି କାର୍ଯ୍ୟକ୍ରମକୁ ଦର୍ଶକମାନେ ମନଭରି ଉପଭୋଗ କରିଥାନ୍ତି । ସେହିପରି ନାଟକର କାହାଣୀ ସହିତ ମଝିରେ ମଝିରେ ତରୁଣତରୁଣୀଙ୍କ ଡ୍ୟାନ୍ସ ଦର୍ଶକଙ୍କୁ ମୋହାବିଷ୍ଟ କରିଥାଏ ।

ଚଳଚ୍ଚିତ୍ର କଳାକାର ଓ ଆଇଟମ୍ ଗର୍ଲଙ୍କ ଚାହିଦା ଅଧିକ

ଆଧୁନିକତାର ପ୍ରଭାବରେ ଧୀରେ ଧୀରେ ମେଲୋଡ଼ି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଯାତ୍ରା ପାର୍ଟି ମାଲିକମାନେ ପ୍ରୟାସ କରୁଛନ୍ତି । ଏପରିକି କେତେକ ପାର୍ଟି ମାଲିକ ଦର୍ଶକଙ୍କ ଦାବି ଅନୁଯାୟୀ ଓଡ଼ିଆ ଚଳଚ୍ଚିତ୍ର ଓ ଧାରାବାହିକର ପ୍ରତିଷ୍ଠିତ ଅଭିନେତା, ଅଭିନେତ୍ରୀ, ଗାୟକଗାୟିକା, ଆଇଟମ୍ ଗର୍ଲମାନଙ୍କୁ ନିମନ୍ତ୍ରଣ କରୁଛନ୍ତି । ନାଟକ ଆରମ୍ଭରୁ ମେଲୋଡିରେ ସେମାନେ ନିଜ ପ୍ରତିଭାର ଚମତ୍କାରିତା ପ୍ରଦର୍ଶନ କରି ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଚେଷ୍ଟା କରିଥାନ୍ତି । ଏଥିପାଇଁ ସେମାନେ ମୋଟା ଅଙ୍କର ପାରିଶ୍ରମିକ ନେଇଥାନ୍ତି । ବର୍ତ୍ତମାନ କେତେକ ଯାତ୍ରା ପାର୍ଟିରେ ଓଡ଼ିଶାର ରାଣୀ ପଣ୍ଡା, ନିଶା ମହାରଣା, ସାହୁ ଭାଉଜ, ମିଷ୍ଟି,ମାନସୀ ପଣ୍ଡା, ରାଣୀ ପ୍ରିୟଦର୍ଶିନୀ ପ୍ରମୁଖ ଆଇଟମ୍ ଗର୍ଲଙ୍କ ଚାହିଦା ଅଧିକ । ଅତୀତରେ କେତେକ ଆଇଟମ୍ ଗର୍ଲଙ୍କ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ନେଇ ବିବାଦ ମଧ୍ୟ ଉଠିଛି । ତେଣୁ ଅନେକ ମଞ୍ଚରେ ଆଇଟମ୍ ଗର୍ଲଙ୍କ ଅଶ୍ଳୀଳ ନୃତ୍ୟ ଓ ଅଶୋଭନୀୟ ଅଙ୍ଗ ପ୍ରଦର୍ଶନ ଉପରେ କଟକଣା ଜାରି କରାଯାଉଛି ।

ବର୍ତ୍ତମାନ ଯେତେ ପ୍ରସିଦ୍ଧ ଯାତ୍ରା ପାର୍ଟି ହେଲେ ମଧ୍ୟ ମେଲୋଡ଼ି ଉପରେ ଅଧିକ ଗୁରୁତ୍ୱାରୋପ କରୁଛନ୍ତି । କାରଣ ନାଟକ ଆରମ୍ଭ ପୂର୍ବରୁ ଦର୍ଶକଙ୍କୁ ବାନ୍ଧି ରଖିବା ପାଇଁ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ ନିତାନ୍ତ ଆବଶ୍ୟକ । ସୁମଧୁର ଗୀତ ସହିତ ଧମାକେଦାର ରେକର୍ଡ ଡ୍ୟାନ୍ସ ଯାତ୍ରାପ୍ରେମୀଙ୍କ ମନ ମୋହିବାରେ ସଫଳ ହେଉଛି । ଫଳରେ ଦିନକୁ ଦିନ ଯାତ୍ରାରେ ମେଲୋଡିର ଚାହିଦା ବଢ଼ିବାରେ ଲାଗିଛି ।

ଆକର୍ଷଣୀୟ ପେଣ୍ଡାଲରେ ମେଲୋଡ଼ି

ନାଟକ ପରିବେଷଣ ପୂର୍ବରୁ ରଙ୍ଗିନ ଆଲୋକମାଳାରେ ଯାତ୍ରା ପେଣ୍ଡାଲ ଝଲସି ଉଠିଥାଏ । ନାନା ରଙ୍ଗର ଜିକ୍‌ମିକ୍ ଲାଇଟ୍ ଦର୍ଶକଙ୍କ ଆଖିକୁ ଟେରା କରିଦିଏ । ଏହି ସମୟରେ ବିଭିନ୍ନ ପ୍ରକାର ସାଏରୀ କହି କହି ଉପସ୍ଥାପକଉପସ୍ଥାପିକା ବାହାରି ଆସନ୍ତି ଗ୍ରୀନ୍ ରୁମ୍‌ରୁ । ନିଜ ନିଜ ଆସନରେ ଶାନ୍ତ ଭାବେ ବସି ଥିବା ଦର୍ଶକଙ୍କ ଭିତରେ ଭରି ଦିଅନ୍ତି ବିପୁଳ ଉତ୍ସାହ । ଦର୍ଶକ ଗ୍ୟାଲେରିରୁ ଆରମ୍ଭ ହୋଇଯାଏ କରତାଳି । ବାସ୍ ସୁମଧୁର ସଂଗୀତର ମୂର୍ଚ୍ଛନା ତୋଳନ୍ତି ଜଣେ ପରେ ଜଣେ କଣ୍ଠଶିଳ୍ପୀ । ସଂଗୀତମୟ ପରିବେଶ ଦର୍ଶକ ମନରେ ଭରିଦିଏ ଯୌବନର ଶତବଳ । ମଝିରେ ମଝିରେ ବିଭିନ୍ନ ଚଳଚ୍ଚିତ୍ର, ଆଧୁନିକ ଓ ଟ୍ରେଣ୍ଡି ଗୀତର ରେକର୍ଡ ଡ୍ୟାନ୍ସ ଯାତ୍ରାପ୍ରେମୀଙ୍କ ଭିତରେ ଉନ୍ମାଦନା ଭରିଦିଏ ।

ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ନାଟକ ପରିବେଷଣ ପୂର୍ବରୁ ମେଲୋଡି ବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଏଥିପାଇଁ ପ୍ରତିଟି ଯାତ୍ରା ଦଳରେ ସ୍ୱତନ୍ତ୍ର ନୃତ୍ୟଶିଳ୍ପୀ ଦଳ, ଗାୟକଗାୟିକାମାନେ ରହିଥାନ୍ତି । ନୃତ୍ୟଶିଳ୍ପୀମାନେ ମେଲୋଡ଼ି ସହିତ ଯାତ୍ରା ମଝିରେ ମଝିରେ ନାଟକର ଆବଶ୍ୟକତା ଅନୁଯାୟୀ ନୃତ୍ୟ ପରିବେଷଣ କରିଥାନ୍ତି । ସେଥିପାଇଁ ନୃତ୍ୟଶିଳ୍ପୀ ଓ ଗାୟକଗାୟିକାମାନଙ୍କୁ ମାଲିକମାନେ ବାର୍ଷିକ ଚୁକ୍ତିଭିତ୍ତିରେ ଦରମା ପ୍ରଦାନ କରିଥାନ୍ତି । ସେମାନଙ୍କ ପ୍ରତିଭା ଓ ଅଭିଜ୍ଞତାକୁ ନେଇ ଦରମା ସ୍ଥିର କରିଥାନ୍ତି । ଫଳରେ ସେମାନେ ଯାତ୍ରାକୁ ରୋଜଗାରର ମାଧ୍ୟମ ଭାବେ ବାଛି ନେଉଛନ୍ତି । ଧୀରେ ଧୀରେ ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ନୃତ୍ୟଶିଳ୍ପୀ, ଗାୟକଗାୟିକାମାନଙ୍କ ଭିତରେ ଆଗ୍ରହ ବଢ଼ିବାରେ ଲାଗିଛି ।

"ଦର୍ଶକ ହିଁ ମୋତେ ଖଳନାୟକ ସଜାଇଛନ୍ତି"

ଯାତ୍ରା କଳାକାର

କାହ୍ନା-ଟିକି ମୋର ମଉସା ମାଉସୀ । ମଉସାଙ୍କ ଅଭିନୟ ମୋତେ କଳାକାର ହେବାକୁ ପ୍ରେରଣା ଯୋଗାଇଥିଲା । ନିଜ ସ୍ୱପ୍ନ ପୂରା କରିବାକୁ ମୁଁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପାଠ ପଢ଼ିଲି । ଧାରାବାହିକରେ କାମ କରିଛି । ଯାତ୍ରା 'ରଙ୍ଗମହଲ'ରେ ପ୍ରଥମେ କ୍ୟାରିୟର୍ ଆରମ୍ଭ କରିଥିଲି । ଏହି ପାର୍ଟିର 'ଆସିଛି ଏକା ଯିବି ମୁଁ ଏକା' ନାଟକରେ ଯେତେବେଳେ ପ୍ରଥମେ ମଞ୍ଚରେ ଚଢ଼ିଲି ଦର୍ଶକଙ୍କ ହୋ ହାଲ୍ଲା ଆଉ କରତାଳି ଆଗକୁ ବଢ଼ିବାକୁ ମୋତେ ଇନ୍ଧନ ଯୋଗାଇଥିଲା । 'ଜହ୍ନରେ ତୋଳିବି ଘର', ପୃଥ୍ୱୀରାଜ ପାର୍ଟିର 'ଅମାବାସ୍ୟାର ଅତିଥି', 'ସ୍ୱାମୀ ମୋର ଅମାନିଆ ଈଶ୍ୱର', 'ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଣୀ ପଣ୍ଡା' ଆଦି ନାଟକରେ ଅଭିନୟ କରିବାକୁ ସୁଯୋଗ ମିଳିଛି । ଏବେ ଖଣ୍ଡଗିରି ମଞ୍ଚରେ ତୁଳସୀ ପାର୍ଟିର 'ଏଇ ବୋଧେ ଶେଷ ଦେଖା', 'ଏ କେମିତିକା ସମ୍ପର୍କ' ନାଟକ ଅଭିନୟ କରି ଦର୍ଶକଙ୍କ ଅଜସ୍ର ଭଲପାଇବା ପାଇଛି । ମୋର ସୌଭାଗ୍ୟ ଯେ, ପୃଥ୍ୱୀରାଜର 'ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଣୀ ପଣ୍ଡା' ନାଟକର ମନୋଜ ଚରିତ୍ର ଦେଖିସାରି ଦର୍ଶକ ମୋତେ ଖଳନାୟକ ଭାବେ ଗ୍ରହଣ କରିନେଲେ । 'ଏ କେମିତିକା ସମ୍ପର୍କ'ର 'ରିବନ ଫିତା' ଗୀତ ଆଉ ନକରାତ୍ମକ ଚରିତ୍ର ବି ମୋର ଏହି ଯାତ୍ରାକୁ ଆହୁରି ସହଜ କରିଛି । କେବଳ ଖଳନାୟକ ଚରିତ୍ରରେ କାମ କରୁନି ନାୟକ ଭାବେ ମଧ୍ୟ ଅନେକ କାମ କରିଛି । ପ୍ରତ୍ୟେକ ଚରିତ୍ର କରିବା ପୂର୍ବରୁ ସେହି ଚରିତ୍ରରେ ମୁଁ ହଜିଯାଏ । ହେଲେ କେଜାଣି କାହିଁକି ଦର୍ଶକ ମୋତେ ଖଳନାୟକ ସଜାଇ ଦେଇଛନ୍ତି । ଦର୍ଶକ ହେଉଛନ୍ତି ଆମର ଭଗବାନ । ସେମାନେ ଚାହିଁଲେ ରାତାରାତି ହିରୋ ସଜାଇ ଦେବେ । ତେଣୁ ମୁଁ ବହୁତ ଭାଗ୍ୟବାନ ଯେ ମାତ୍ର ତିନିବର୍ଷ ଯାତ୍ରା କ୍ୟାରିୟର୍ ଭିତରେ ଦର୍ଶକଙ୍କଠାରୁ ଅଜସ୍ର ଭଲପାଇବା ପାଇଛି । ■

ସାଇ, ଯାତ୍ରା ଅଭିନେତା

ଯାତ୍ରା ଏପାଖ-ସେପାଖ

ସମୟ ସହିତ ଯାତ୍ରାରେ ଅନେକ ପରିବର୍ତ୍ତନ ଆସିଛି । ଯାତ୍ରା କଳାକାରଙ୍କ ଜୀବନ୍ତ ଅଭିନୟଠାରୁ ଆରମ୍ଭ କରି କିଛି ଜିନିଷ ଯାତ୍ରାରେ ହଜିଯାଇଛି । ତା'ସହ ଏହାରି ଭିତରେ ଅନେକ କିଛି ନୂଆ ପରିବର୍ତ୍ତନ ଦେଖିବାକୁ ମିଳୁଛି । ସେଭଳି କିଛି ଦିଗକୁ ନେଇ ଏହି ଉପସ୍ଥାପନା ।

ହାସ୍ୟରସ ବିନା ଅପୂର୍ଣ୍ଣାଙ୍ଗ ଅପେରା

ପ୍ରଥମେ ଯାତ୍ରାକୁ ନାରୀମାନେ ଆସୁ ନ ଥିଲେ । ପୁରୁଷଙ୍କ କମେଡିରେ ଚାଲୁଥିଲା । ପରବର୍ତ୍ତୀ ସମୟରେ ଉଭୟ ମହିଳା ଓ ପୁରୁଷଙ୍କ ଚମତ୍କାର କମେଡ଼ି ଦେଖିବାକୁ ମିଳିଲା । କୁହାଯାଏ, କମେଡି ହଉ ନ ହଉ । କମେଡିଆନ୍ ମଞ୍ଚକୁ ଆସିଲେ, ସେମାନଙ୍କ ବେଶଭୂଷା ଏବଂ ସଂଳାପରେ ଆପେ ଆପେ ଦର୍ଶକଙ୍କ ଓଠରେ ହସ ଫୁଟିଥାଏ । ଦୟାନିଧି, ଭିକାରୀ, ଗୁରିଆ, ବିଜୁ, ମୁନା, ସାନମଣି, ତାପସ, ନରି ପଣ୍ଡା, ଜିନା, ଟୁକୁ ପଣ୍ଡା, ଶଶୀ, କଣ୍ଢେଇ, କୁନି, ରାନା, ବ୍ରଜ ପାଣି, ଜଗା ରାଉତ, ପଦ ରାଉତ, ସୁବାସ, ନେଉଳ, ବୁଦ୍ଧିଆନା, ମକୁ, ପ୍ରତାପ, ବାପି ପଣ୍ଡା, କେଳୁ, ରବି ମିଶ୍ର ପ୍ରମୁଖ କଳାକାରଙ୍କ କମେଡି ଦର୍ଶକଙ୍କୁ ବାନ୍ଧି ରଖିଥାଏ । ବର୍ତ୍ତମାନ ଗୁଡ୍ରୁଙ୍କ କମେଡ଼ିକୁ ବି ଦର୍ଶକେ ଖୁବ୍ ପସନ୍ଦ କରୁଛନ୍ତି । ତେଣୁ ଯାତ୍ରାରେ ବି କମେଡିଆନ୍‌ଙ୍କ ଗୁରୁ ଭୂମିକା ରହିଛି ।

ନାଟକରେ ନବରସ ରହିଛି । ସେଥିରୁ ଅନ୍ୟତମ ହାସ୍ୟରସ । ଏହି ହାସ୍ୟ ରସ ବିନା ଯାତ୍ରା ପୂର୍ଣ୍ଣାଙ୍ଗ ନୁହେଁ ବୋଲି କୁହାଯାଏ । ଯାତ୍ରାରେ ଅଭିନେତା, ଅଭିନେତ୍ରୀ ଏବଂ ଖଳନାୟକ ଚରିତ୍ର ଯେତିକି ଗୁରୁତ୍ୱ ବହନ କରେ, ଠିକ୍ ସେମିତି କମେଡିଆନ୍ ବା ହସ୍ୟ କଳାକାରଙ୍କ ଦମ୍‌ଦାର କମେଡି ଦେଖିବାକୁ ମିଳିଥାଏ । ହାସ୍ୟ ରସରେ ସେମାନେ ଯାତ୍ରାପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥାନ୍ତି । ଯାତ୍ରାରେ କମେଡି ତଥା ହାସ୍ୟକଳାକାରଙ୍କ ଭୂମିକାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

କମେଡ଼ି ଲାଗି କୌଣସି ନିର୍ଦ୍ଦେଶନା ନ ଥାଏ । ଜଣେ ହାସ୍ୟ କଳାକାର କେଉଁ ଭଙ୍ଗୀରେ ଚାଲିବ, ମୁହଁର ଭାଙ୍ଗଭଙ୍ଗୀରେ ସେ କିଭଳି ପରିବର୍ତ୍ତନ ଆଣିବେ, ସେସବୁ ହେଉଛି ସେମାନଙ୍କ ନିଜସ୍ୱ ଶୈଳୀ । ଏପରିକି ସଂଳାପ କହିବାର ଶୈଳୀ ବି ସେମାନଙ୍କର ନିଜସ୍ୱ ହୋଇଥାଏ । ସେହିପରି କମେଡି ପାଇଁ କିଛି କଟକଣା ବି ନ ଥାଏ । ତେଣୁ ଅନେକ ଯାତ୍ରା କମେଡିକୁ ଦ୍ୱିଅର୍ଥବୋଧକ ବୋଲି ବୁଝିଥାନ୍ତି । ସେଥିପାଇଁ କୁହାଯାଏ, ବୁଝିପାରିଲେ ଦ୍ୱିଅର୍ଥବୋଧକ ନୁହେଁ ।

କରୁଣ କାହାଣୀ ବିନା ଯେମିତି ନାଟକ ଉଠିବ ନାହିଁ । ଠିକ୍ ସେମିତି କମେଡ଼ି ନ ଥିଲେ, ନାଟକର କୌଣସି ଗୁରୁତ୍ୱ ରହିବ ନାହିଁ । କାରଣ ଅନେକ ସମୟରେ କମେଡିଆନ୍ ପ୍ରଥମରୁ ହସେଇ ହସେଇ ଚାଲିଥିବା ବେଳେ ଏମିତି ସମୟ ଆସେ ସେ ନିଜେ କାନ୍ଦି ଦର୍ଶକଙ୍କୁ କନ୍ଦାଏ । ପୁଣି କୁହାଯାଉଛି ଯାତ୍ରାରେ ହାସ୍ୟ କଳାକାରଙ୍କୁ ଗୁରୁତ୍ୱ ଦିଆଯାଇ ନ ଥାଏ । ଶୁଣିବାକୁ ମିଳୁଛି, ହାସ୍ୟ କାଳକାରଙ୍କ ପାଇଁ ଲେଖକମାନେ ନାୟକ ଖଳାନାୟକ ତୁଳନାରେ କମ୍ ସଂଳାପ ଲେଖୁଛନ୍ତି । ଏହାବାଦ୍ ଯେଉଁ ସୁବିଧା ନାୟକ, ନାୟିକା, ଖଳନାୟିକା ଚରିତ୍ର ଅଭିନେତାଙ୍କୁ ମିଳୁଛି, ସେମାନଙ୍କର ଗୁରୁତ୍ୱ ଠିକ୍ ସେତିକି ରହିବା ଦରକାର ବୋଲି କୁହାଯାଉଛି । ପୂର୍ବରୁ ଯାତ୍ରାରେ ୩୦ଟି ଦୃଶ୍ୟ ହେଉଥିଲା । ଏବେ ଏହି ସଂଖ୍ୟା ୨୨ରେ ପହଞ୍ଚିଛି । ସେହିପରି ଜଣେ ହାସ୍ୟ କଳାକାରଙ୍କର ଯାତ୍ରାରେ ୩-୪ଟି ଦୃଶ୍ୟ ରହୁଛି । ତେଣୁ କରି ଦୃଶ୍ୟ କମିବାରୁ ହାସ୍ୟାଭିନେତାଙ୍କ ଦୃଶ୍ୟର ଅବଧି କମୁଛି । ■

ଶିଶୁ କଳାକାର ନାହାନ୍ତି

ପାଖାପାଖି ଦୁଇ ଦଶନ୍ଧି ହେବ ଅପେରାରେ ଶିଶୁ କଳାକାରଙ୍କ ଅଭିନୟ ଦେଖିବାକୁ ମିଳୁ ନାହିଁ । ଏହା ପଛର କାରଣ ହେଉଛି 'ଚାଇଲଲ୍ଲ ଲେବର୍ ଆକ୍ଟ' । ଏହା ଲାଗୁ ହେବାରୁ ମାଲିକମାନେ ଶିଶୁ କଳାକାରଙ୍କୁ ଯାତ୍ରାରେ ସାମିଲ କଲେ ନାହିଁ । ଯେଉଁଠି ପୂର୍ବରୁ 'ମୋ ପୈଁକାଳି ବଜାଇ ଦେ', 'କିଏ ଯୋଡ଼ି ଦେବ ଉଙ୍ଗା ଚୁଡ଼ିକୁ', 'ସୁର ସାର୍‌ଙ୍କ ସାନ ଝିଅ', 'ପୁରୀରୁ ପଟ୍ଟାମୁଣ୍ଡାଇ' ଭଳି ଯାତ୍ରାରେ ଶିଶୁ କଳାକାରଙ୍କୁ ଦେଖିବାକୁ ମିଳିଥିଲା । ସେହିପରି ସେମାନଙ୍କ ଅଭିନୟକୁ ବି ଦର୍ଶକୀୟ ଆଦୃତି ମିଳିଥିଲା ।

ଯାତ୍ରାରେ ରି-ଟେକ୍ ନାହିଁ

ଫିଲ୍ମ ତଥା ଧାରାବାହିକଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେଉଛି ଯାତ୍ରା । ଯାତ୍ରାରେ କଳାକାରଙ୍କ ପୂର୍ବ ପ୍ରସ୍ତୁତି ଥାଏ ଏବଂ ମଞ୍ଚରେ ସେମାନଙ୍କ ଜୀବନ୍ତ ଅଭିନୟ ଦେଖିବାକୁ ମିଳିଥାଏ । ଏହି ଜୀବନ୍ତ ଅଭିନୟକୁ ଦେଖିବାକୁ ଦର୍ଶକେ ପସନ୍ଦ କରନ୍ତି । ଯାତ୍ରା କଳାକାର ସେମାନଙ୍କ ନିଖୁଣ ଅଭିନୟ ମାଧ୍ୟମରେ କଳାକାରଙ୍କୁ ହସାନ୍ତି, ଭୟଭୀତ କରାନ୍ତି ଏବଂ ଭାବିବହ୍ୱଳ କରିଥାନ୍ତି । ତେବେ ଯାତ୍ରାରେ ରିପିଟ୍ କିମ୍ବା ରିଟେକ୍ ନ ଥାଏ । ଯେତେବେଳେ ସିନେମା ଏବଂ ମେଗାଧାରାବାହିକରେ କଳାକାରଙ୍କ ଅଭିନୟକୁ ରିଟେକ୍ ମାଧ୍ୟମରେ ସୁଧାରି ହୁଏ । ଯାତ୍ରାରେ ସେଇଟା ସମ୍ଭବ ହୋଇ ନ ଥାଏ । ଜଣେ କଳାକାର ନିଜ ଭୁଲକୁ ପରବର୍ତ୍ତୀ ନାଟକରେ ହିଁ ସୁଧାରନ୍ତି ଏବଂ ଏନେଇ ସଚେତନ ହୁଅନ୍ତି ।

ମଞ୍ଚରେ ସାପ, ଘୋଡ଼ା, ରୋବଟ୍‌ର ଏଣ୍ଟ୍ରି

ସମୟ ସହିତ ଯାତ୍ରାରେ ଅନେକ କିଛି ପରିବର୍ତ୍ତନ ଆସିଛି । ଏକଦା ଯାତ୍ରା ମଞ୍ଚରେ ଦେବୀ ରଥ ବୁଲେଟ୍ ଉଠାଇ ଚର୍ଚ୍ଚାରେ ରହିଥିଲେ । ସେହିପରି ପରବର୍ତ୍ତୀ ସମୟରେ ସଞ୍ଜୟ ଭୋଳ ମଞ୍ଚକୁ ବାଇକ୍ ଉଠାଇ ଦର୍ଶକଙ୍କ ଦୃଷ୍ଟିଆକର୍ଷଣ କଲେ । ଏବେ କିନ୍ତୁ ଏହି ଦୃଶ୍ୟ ନାହିଁ ।

ବର୍ତ୍ତମାନ ମଞ୍ଚରେ ସାପ, ଘୋଡ଼ା, ରୋବଟ୍‌ଙ୍କ ଏଣ୍ଟ୍ରି ହୋଇଛି । କୁହାଯାଉଛି, ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ କିଛି ଏଭଳି କରାଯାଉଛି । 'ଯାତ୍ରା ଯାଜ୍ଞସେନୀ' ୪୦ କେଜିରୁ ଅଧିକ ଓଜନର ରୋବଟିକ୍ ଡଗ୍‌କୁ ପରିଚିତ କରାଇ ଥିବା ବେଳେ ଏହି ବର୍ଷ ଧଉଳି ଗଣନାଟ୍ୟ ଜୀବନ୍ତ ଘୋଡ଼ାକୁ ଯାତ୍ରାରେ ପରିଚିତ କରାଇଛି । ଅନ୍ୟପଟେ ପୂର୍ବରୁ ଯାତ୍ରାରେ ସିଙ୍ଗଲ ଷ୍ଟେଜ୍ ଥିଲା । ତା'ପରେ ଡବଲ ଷ୍ଟେଜ୍ ହେଲା । ଏବେ ତ ୪-୫ଟା ଷ୍ଟେଜ୍ ହୋଇଗଲାଣି । ପୁଣି ରନିଂ ଡାଇସ୍ ତଥା ମଲଟିପଲ ଷ୍ଟେଜ୍ ଯୋଗୁଁ ଏସବୁ କରିବା ସମ୍ଭବ ହେଉ ନାହିଁ । କେବଳ ସେତିକି ନୁହେଁ, ନାଲି, ନୀଳ ଜରି ବନ୍ଧା ଯାଇ କଳାକାରଙ୍କ ଉପରେ ଏକ ସ୍ପଟ୍ ଲାଇଟ୍ ପକାଯାଉଥିଲା । ଏବେ ଏହା ମଧ୍ୟ ଆଉ ନାହିଁ ।

ଯାତ୍ରାମୁହାଁ ସିନେ ଓ ଟେଲି ତାରକା

ବର୍ତ୍ତମାନ ଯାତ୍ରାରେ ସିନେମା ତଥା ଟେଲିଭିଜନର ଲୋକପ୍ରିୟ କଳାକାର ସାମିଲ ହେଲେଣି । ଯେଉଁଥିପାଇଁ

ଏକପ୍ରକାର ଦର୍ଶକେ ଯାତ୍ରା ପ୍ରତି ଆକୃଷ୍ଟ ହେଉଛନ୍ତି । ଉଷସୀ ମିଶ୍ର, ସ୍ୱର୍ଗତ ରାଇମୋହନ ପରିଡ଼ା, ତୁଷାର, ଅର୍ପିତା, ଅଶ୍ୱିନୀ, ଡାନି, ଗୁଡ୍ରୁଙ୍କ ଭଳି ଆହୁରି କେତେକ କଳାକାର ଯାତ୍ରା ସହିତ ଯୋଡ଼ି ହୋଇଛନ୍ତି । ଯାତ୍ରାରେ ସେମାନଙ୍କ ଅଭିନୟକୁ ବି ଦର୍ଶକେ ଖୁବ୍ ପସନ୍ଦ କରୁଛନ୍ତି । ■

ନିଆରା ପ୍ରଚାର ଶୈଳୀ

ଟେଣ୍ଟ ବନ୍ଧାରୁ ପ୍ରଚାର ଗାଡ଼ି ବୁଲେ

ନବେ ଦଶକରେ ଯାତ୍ରା ପାଇଁ ପାଞ୍ଚ ଦିନିଆ କ୍ୟାମ୍ପ କରାଯାଉଥିଲା । ପାଞ୍ଚ ଦିନିଆ ନାଟକରେ ପାଞ୍ଚଟି ବହି ଚାଲେ । ତା'ସହ ପ୍ରଚାର ଲାଗି ଗୋଟିଏ ପ୍ରଚାର ଗାଡ଼ି ବାହାରେ । ତେବେ ଯେଉଁ ଦିନ ଯେଉଁ ପାର୍ଟି ପହଞ୍ଚେ, ସେହିଦିନ ସେହି ଅପେରା ପାର୍ଟିର ଯାତ୍ରା ପ୍ରଚାର ଗାଡ଼ି ରାସ୍ତାକୁ ଓହ୍ଲାଉ ଥିଲା । ସେହିପରି ରାତିରେ କ୍ୟାମ୍ପ ଥିବାରୁ ପ୍ରଚାର ଗାଡ଼ି ସକାଳୁ ପ୍ରଚାର ପାଇଁ ଯାଉଥିଲା । ହେଲେ ମହାବାତ୍ୟା ପରଠାରୁ ନାଟକରେ ପରିବର୍ତ୍ତନ ଆସିଲା । କ୍ୟାମ୍ପ ଯେଉଁଠି ହେଲା, ତା'ର ସାତ/ଆଠ ଦିନ ଆଗରୁ ସ୍ଥାନୀୟ କମିଟିମାନେ ନାଟକର ନାଁକୁ ନେଇ ସ୍କ୍ରିପଟିଂ କରି ପ୍ରଚାର କଲେ । ସେତେବେଳେ ପ୍ରଚାର ଅର୍ଥ ମାଇକ ବାଜିଲା । ଗୋଟିଏ ଜାଗାରେ ଫନେଲ୍ ଲଗେଇ ପ୍ରଚାର କରାଯାଉଥିଲା ।

ସ୍ୱତନ୍ତ୍ର ପ୍ରଚାରକ

ବର୍ତ୍ତମାନ ପ୍ରତ୍ୟେକ ପାର୍ଟିର ଦୁଇଟି ପ୍ରଚାର ଗାଡ଼ି ରହୁଛି । ଯଦି ଗୋଟିଏ ଯାତ୍ରା ପାର୍ଟିର କ୍ୟାମ୍ପ ଗୋଟିଏ ଜିଲ୍ଲାରେ ପଡ଼ିଛି, ତା'ର ତିନିଦିନ ପରେ ସେହି କ୍ୟାମ୍ପ୍ ଆଉ ଏକ ଜିଲ୍ଲାରେ ପଡ଼ିବାର ଥିଲେ, ଦୁଇଟି ପ୍ରଚାର ଗାଡ଼ି ଦୁଇ ସ୍ଥାନରେ ଯାତ୍ରାର ପ୍ରଚାର ପ୍ରସାର କରିଥାନ୍ତି । ସେହିପରି ଯାତ୍ରା ପ୍ରଚାର ଲାଗି ସ୍ୱତନ୍ତ୍ର ପ୍ରଚାରକ ଥାନ୍ତି । ଯିଏକି ନିଜସ୍ୱ ଶୈଳୀ ତଥା ସ୍ୱରରେ ପ୍ରଚାର କରନ୍ତି । ପ୍ରଚାରକ ଗାଡ଼ି ଭିତରେ ମାଇକ୍ ଧରି ପ୍ରଚାର କରନ୍ତି । ପୁଣି ସମୟ ସହିତ ଟେକ୍ନୋଲୋଜିରେ ପରିବର୍ତ୍ତନ ଆସିବାରୁ ପ୍ରଚାରକଙ୍କ ରେକର୍ଡିଂ ବି ବାଜିଲା । ଦିନରେ ସେମାନେ ଚାରି, ପାଞ୍ଚ ଘଣ୍ଟା ପ୍ରଚାର କରନ୍ତି । ତା'ସହ ଦିନ ହିସାବରେ ସେମାନଙ୍କୁ ପାରିଶ୍ରମିକ ମିଳିଥାଏ ।

"ହେଇ ଆଇଲାରେ... ହେଇ ଆଇଲାରେ..., କମାଲ କରିବ, ଧମାଲ କରିବ... ଆଜି ଆଉ ଥରେ...ଆଜି ଆଉ ଥରେ...କଟି କଟି ଡବଲ କଟି, ଆଜି ସେହି ନାଟକ... ଆଜି ସେହି ନାଟକ... ତୁ ବୋଧେ ମୋ ଭାଗ୍ୟରେ ନାହୁଁ... ଆସ ମାଡ଼ି ଆସ...ଆସ ମାଡ଼ି ଆସ... ଅଭିନୟ କରିବେ... ଚୁଲ୍‌ବୁଲି ନାୟିକା ସୋନାଲି ପଣ୍ଡା... ।" ଏଇ ଭଳି କିଛି ମାନିଆ ସଂଳାପ ସହିତ ଥାଏ ପ୍ରତ୍ୟେକ ପାର୍ଟିର ଯାତ୍ରା ପ୍ରଚାର । ଗୋଟେ ସମୟ ଥିଲା ଯାତ୍ରା ପ୍ରଚାର ଗାଡ଼ି ଆସିବା ମାତ୍ରେ ତା' ପଛେ ପଛେ ପିଲାମାନେ ଦୌଡୁଥିଲେ । ଏପରିକି ମହିଳାପୁରୁଷ, ବୁଢ଼ାବୁଢ଼ୀ ପ୍ରଚାର ଗାଡ଼ିର ଶବ୍ଦ ଶୁଣି ଘରୁ ବାହାରି ଆସନ୍ତି । ଏବେ ବି ଏ ଦୃଶ୍ୟ ପୂର୍ବ ଭଳି ସେମିତି ଅଛି କହିଲେ ଚଳେ । ତେଣୁ ପ୍ରଚାର ଗାଡ଼ି ଯାତ୍ରା ପ୍ରସାର ତଥା ଲୋକଙ୍କୁ ଆକୃଷ୍ଟ କରିବାର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ଯାତ୍ରା ପ୍ରଚାରକୁ ନେଇ ଏହି ବିଶେଷ ଉପସ୍ଥାପନା ।

ପ୍ରଚାର ଗାଡ଼ିରେ ବ୍ରାଣ୍ଡ ଆର୍ଟିଷ୍ଟଙ୍କ ଫଟୋ

୧୯୯୦ ମସିହାରେ ଯାତ୍ରାରେ ପରିବର୍ତ୍ତନ ଆସିଲା । ରଙ୍ଗମଞ୍ଚରେ ପରିବର୍ତ୍ତନ ଆସିଲା । ମଞ୍ଚ ସାଜସଜ୍ଜାଠାରୁ ଆରମ୍ଭ କରି ଆଲୋକୀକରଣରେ ପରିବର୍ତ୍ତନ ଆସିଲା । ସେହିପରି ୨୦୧୦ ମସିହା ପରେ ବିଭିନ୍ନ ଯାତ୍ରା ପାର୍ଟି ବ୍ରାଣ୍ଡ ଆର୍ଟିଷ୍ଟଙ୍କ କଟ୍‌ଆଉଟ୍, ହୋର୍ଡିଂ ରାସ୍ତାରେ ଲଗାଇଲେ । ଏହା ଦ୍ୱାରା ଯାତ୍ରା ଦର୍ଶକଙ୍କ ପାଖରେ ବେଶୀ ଗ୍ରହଣୀୟତା ହେଲା । ସେହିପରି ଏହାକୁ ଦେଖି ପ୍ରଚାର ଗାଡ଼ିରେ ବି ଯାତ୍ରା ପାର୍ଟି କଳାକାରଙ୍କ ପୋଷ୍ଟର ଲଗାଗଲା । ଯେଉଁଥି ପାଇଁ ଗାଁ ଏବଂ ସହରର ବିଭିନ୍ନ ଗଳି କନ୍ଦିରେ ପ୍ରଚାର ଗାଡ଼ି ବୁଲିବା ମାତ୍ରେ ତା' ପଛରେ ପିଲାମାନେ ଦୌଡୁ ଥିଲେ । ପୁଣି ଘରେ ଥିବା ଲୋକଙ୍କଠାରେ ପ୍ରଚାର ଗାଡ଼ିକୁ ଦେଖିବା ଲାଗି ଏକପ୍ରକାର ଉତ୍ସୁକତା ବଢ଼ିଲା । ଏ ଦୃଷ୍ଟିରୁ ଯାତ୍ରା ଗାଡ଼ିକୁ ଆକର୍ଷଣୀୟ ଢଙ୍ଗରେ ସଜାଗଲା । ଆଜିକାଲି ଫୁଲରେ ଗାଡ଼ିକୁ ସୁନ୍ଦର ଭାବେ ସଜାଯାଉଛି । ଏବେ ତ ଡିଜେ ଲାଇଟ୍ ମଧ୍ୟ ଲାଗୁଛି । କାରଣ ରାତିରେ ପ୍ରଚାର ଗାଡ଼ି ବୁଲିବା ବେଳେ ଲାଇଟ୍ ଜଳିବା ଦ୍ୱାରା ଗାଡ଼ି ଅଧିକ ଆକର୍ଷଣୀୟ ଲାଗିଥାଏ ।

ଆକର୍ଷଣୀୟ ପୋଷ୍ଟର, ହୋର୍ଡିଂ

କେବଳ ପ୍ରଚାର ଗାଡ଼ି ନୁହେଁ, ଏଥର ଖଣ୍ଡଗିରି ଯାତ୍ରାରେ ବିଭିନ୍ନ ଅପେରା ପାର୍ଟିର ପୋଷ୍ଟର, ହୋର୍ଡିଂ ସମେତ କଳାକାରଙ୍କ ବିଶାଳ କଟ୍‌ଆଉଟ୍ ଲଗାଯାଇଥିଲା । ତେଣୁ ପୋଷ୍ଟର ଓ ହୋର୍ଡିଂରେ ପୂରା ଖଣ୍ଡଗିରି ଝଲସି ଉଠିଥିଲା । କେଉଁ ପାର୍ଟିର କେଉଁ କଳାକାର ଏଥର ସାମିଲ ଥିଲେ, ସେମାନଙ୍କର ନାଁ ସହିତ କଳାକାରଙ୍କ ଷ୍ଟାଇଲିସ୍ ଫଟୋ କେବଳ ଯାତ୍ରାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରି ନଥିଲା, ବରଂ ରାସ୍ତାରେ ଯାଉଥିବା ପ୍ରତ୍ୟେକ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ମାନିଆ ସଂଳାପରେ ମତୁଆଲା

'ହେଇ ଆଇଲାରେ..., କମାଲ କରିବ, ଧମାଲ କରିବ..., ଆଜି ଆଉ ଥରେ... ଆଜି ଆଉ ଥରେ...ଆଜି ବି ରିପିଟ୍ ଲଢ଼େଇ...ଖଣ୍ଡଗିରି ଯାତ୍ରା ମଞ୍ଚରେ ରିପିଟ୍ ଲଢ଼େଇ...' ଏଇଭଳି ମାନିଆ ଡାଇଲଗ୍ ସହିତ ପ୍ରତ୍ୟେକ ପାର୍ଟି ନିଜ ନିଜର ଯାତ୍ରା ପ୍ରଚାର କରନ୍ତି । ମାନିଆ ଡାଇଲଗ୍ ହିଁ ବେଶି ଲୋକଙ୍କୁ ଆକୃଷ୍ଟ କରିଥାଏ । ତେବେ ପ୍ରଚାର କରିବା ବେଳେ ପ୍ରଚାରକ ଯେତେବେଳେ ବିରତି ନିଅନ୍ତି, ସେହି ସମୟରେ ଯାତ୍ରାର ଟାଇଟଲ୍ ଗୀତ ବାଜେ । କେବଳ ସେତିକି ନୁହେଁ, ବେଳେ ବେଳେ ଯାତ୍ରା କଳାକାରଙ୍କ ଲୋକପ୍ରିୟ ସଂଳାପକୁ ମଧ୍ୟ ପ୍ରଚାରରେ ସାମିଲ କରାଯାଏ । ଅନ୍ୟପକ୍ଷରେ ଏହି ପ୍ରଚାର ହିଁ ଯାତ୍ରାରେ ଏକ ନିଆରା ପରିବେଶ ସୃଷ୍ଟି କରିଥାଏ ।

ପ୍ରଚାରକୁ ନେଇ ପ୍ରତିଯୋଗିତା

ପ୍ରଚାର ଗାଡ଼ି କୌଣସି ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଅଟକି ରହି କିଛି ସମୟ ପ୍ରଚାର କରିଥାଏ । ଏହାବାଦ୍ ଗଳି କନ୍ଦି ବୁଲି ମଧ୍ୟ ବିଭିନ୍ନ ସ୍ଥାନରେ ପ୍ରଚାର କରିଥାଏ । ଅନ୍ୟପଟେ ଏଥର ଖଣ୍ଡଗିରି ଯାତ୍ରାରେ ବିଭିନ୍ନ ଅପେରା ପାର୍ଟିର ଗାଡ଼ି ଆଗ ପଛ ହୋଇ ଏମିତି ପ୍ରଚାର କଲେ, ଯେମିତି ଯାତ୍ରା ପ୍ରଚାରକୁ ନେଇ କୌଣସି ପ୍ରତିଯୋଗିତା ଚାଲିଥିଲା । ■

ଚର୍ଚ୍ଚିତ ଯାତ୍ରା ଯୋଡ଼ି

ପ୍ରେମ କେତେବେଳେ କେଉଁଠି ଆଉ କାହା ସହ ହୋଇଯାଏ ତାହା ଜାଣି ହୁଏନା । କେଉଁଠି ସହପାଠୀ କି ଅଫିସ୍ କର୍ମଚାରୀଙ୍କ ଭିତରେ ପ୍ରେମ ହୋଇଯାଏ । ଆଉ କେଉଁଠି ସମଭାବାପନ୍ନ ଦୁଇ ଜଣ ପୁରୁଷ ଓ ନାରୀ ମଧ୍ୟରେ ପ୍ରେମର ସଂପର୍କ ଗଢ଼ି ଉଠେ । ପୁଣି ଯାତ୍ରା ଜଗତର ଦୁଇ ଜଣ କଳାକାର ମଧ୍ୟ ଭଲ ପାଇ ବସନ୍ତି ପରସ୍ପରକୁ । ଆଉ କେତେ ଜଣ ପ୍ରେମ ବନ୍ଧନରେ ଆବଦ୍ଧ ହୋଇ ନଥିଲେ ମଧ୍ୟ, ମଞ୍ଚରେ ସଫଳ ଅଭିନେତା-ଅଭିନେତ୍ରୀ ଯୋଡ଼ି ଭାବରେ ଦର୍ଶକଙ୍କ ମନମୋହିବାରେ ସଫଳ ହୋଇଥାନ୍ତି । ଯାତ୍ରା ଜଗତର ଏଭଳି କେତେକ ସଫଳ ଯୋଡ଼ିଙ୍କୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

ସାଇ -ପାୟଲ

ରୋମାଣ୍ଟିକ୍ ଗୀତ ହେଉ କି ପତିପତ୍ନୀ ଦୃଶ୍ୟ ସବୁଥିରେ ତାଙ୍କ କେମେଷ୍ଟ୍ରି ଜମେ । ତାଙ୍କ ଯୋଡ଼ି ଚର୍ଚ୍ଚିତ ଯୋଡ଼ି । 'ତୁଳସୀ ଗଣନାଟ୍ୟ'ର ସାଇ ଓ ପାୟଲଙ୍କ ଅଭିନୀତ 'ଏଇ ବୋଧେ ଶେଷ ଦେଖା'କୁ ଦର୍ଶକ ବହୁତ ଭଲପାଇବା ଦେଇଛନ୍ତି । 'ଏ କେମିତିକା ସମ୍ପର୍କ'ରେ ଉଭୟଙ୍କ ଯୋଡ଼ି ବେଶି ଭାଇରାଲ୍ ହେଲା । 'ରଙ୍ଗମହଲ'ରୁ ଏକାଠି କ୍ୟାରିୟର୍ ଆରମ୍ଭ କରିଥିବା ସାଇ ଓ ପାୟଲ 'ଆସିଛି ଏକା ଯିବି ମୁଁ ଏକା', 'ଜହ୍ନରେ ତୋଳିବି ଘର', 'ଚାଲିବା ଆଗରୁ ବାଟ ସରିଲା', 'ଅମାବାସ୍ୟାର ଅତିଥି', 'ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଣୀପଣ୍ଡା' ଆଦିରେ ଏକାଠି ଚମତ୍କାର ଅଭିନୟ କରି ଦର୍ଶକଙ୍କ ମନ ଜିଣିଛନ୍ତି । ମଞ୍ଚ ତଳେ ଉଭୟ ପ୍ରେମିକ-ପ୍ରେମିକା । ତେଣୁ ସଫଳ ଯୋଡ଼ି ଭାବେ ଆଖ୍ୟା ମିଳିବା ପଛରେ ଦର୍ଶକଙ୍କ ଭୂମିକା ରହିଛି । "ଯାତ୍ରାରେ ଆମେ ନୂଆ । ହେଲେ ଏତେ କମ୍ ସମୟ ମଧ୍ୟରେ ଦର୍ଶକଙ୍କ ଭଲପାଇବା ଆମେ କେବେ ସ୍ୱପ୍ନରେ ବି ଭାବିନଥିଲୁ । ତେବେ ମଞ୍ଚରେ ଚଢ଼ିଲା ପରେ ଦର୍ଶକଙ୍କୁ ଦେଖିଲେ ଆମର ଯୋଶ୍ ଆସିଯାଏ" ବୋଲି କୁହନ୍ତି ପାୟଲ ।

କାବେରୀ-ଗୌର ଦାସ

ଶିବାନୀ ଗଣନାଟ୍ୟର ଚର୍ଚ୍ଚିତ ଯୋଡ଼ି କାବେରୀ ଓ ଗୌର ଦାସ । ଉଭୟେ ଅଭିଜ୍ଞ କଳାକାର । 'ରଜ ସୁନ୍ଦରୀକୁ ସଜ ସିନ୍ଦୂର', 'ମେମ୍‌ସାହବ', 'ଏଇ ମନ କାଶୀ ବୃନ୍ଦାବନ', 'ହା କୃଷ୍ଣ ବୋଲି ଯାଉ ଜୀବନ' ଆଦି ଅନେକ ନାଟକରେ ଏକାଠି ଅଭିନୟ କରିଛନ୍ତି । 'ହା କୃଷ୍ଣ ବୋଲି ଯାଉ ଜୀବନ' ନାଟକରୁ ଏହି ଯୋଡ଼ି ଚର୍ଚ୍ଚିତ ହୋଇଥିଲେ । ଗୌରଙ୍କ ଆକର୍ଷଣୀୟ ଚେହେରା ସାଙ୍ଗକୁ କାବେରୀଙ୍କ କଥାବାର୍ତ୍ତାର ଶୈଳୀ ଆଉ ସଂଳାପ ଉଚ୍ଚାରଣ ସମାନ ଥାଏ । ଇମୋସନ୍ ଦୃଶ୍ୟକୁ ନିଖୁଣ ଭାବେ ଫୁଟାଇ ଏହି ଯୋଡ଼ି ସବୁଠି ପ୍ରଶଂସା ସାଉଁଟିଛନ୍ତି । ଚଳିତବର୍ଷ ଖଣ୍ଡଗିରି ଯାତ୍ରାରେ ଏହି ଯୋଡ଼ି ବେଶ୍ ଚର୍ଚ୍ଚାରେ ଥିଲେ ।

ବବ୍‌ଲୁ-ପିଙ୍କି

ସଫଳ ଯୋଡ଼ି କହିଲେ ବବ୍‌ଲୁ-ପିଙ୍କିଙ୍କ ନାଁ ଆସେ । ରଙ୍ଗିନ ମଞ୍ଚରେ ଏକାଠି ଅଭିନୟ କରୁ କରୁ ପ୍ରେମରେ ପଡ଼ିଲେ । ଆଉ ତା'ପରେ ବିବାହ ବନ୍ଧନରେ ଆବଦ୍ଧ ହେଲେ । 'ହାଇଦର', 'ଚାଲିବା ଆଗରୁ ବାଟ ସରିଲା', 'ମୁଁ ଭଦ୍ରକିଆ ଟୋକା' ଆଦି ନାଟକରେ ଉଭୟଙ୍କ ଯୋଡ଼ିକୁ ଦର୍ଶକ ଢେର୍ ସାରା ଭଲ ପାଇବା ଦେଇଛନ୍ତି । ମଞ୍ଚରେ ଯେଉଁ ଚରିତ୍ର ମିଳେ ସେଥିରେ ସେମାନେ ନିଜକୁ ଖାପଖୁଆଇ ଦିଅନ୍ତି । ଏହି ଯୋଡ଼ିଙ୍କ ପାଇଁ ସବୁ ନାଟକ ଗୋଟେ ଗୋଟେ ପାହଚ । ତେଣୁ ପ୍ରତ୍ୟେକ ନାଟକରେ ସେ କିଛି କିଛି ଦର୍ଶକଙ୍କ ହୃଦୟରେ ଘର କରିଛନ୍ତି ବୋଲି ମତ ରଖିଛନ୍ତି । ଏଥର ଖଣ୍ଡିଗିରିରେ ଯାତ୍ରାର ରାଣୀ 'ସିଂହବାହିନୀ' ମଞ୍ଚସ୍ଥ କରିଥିଲା 'ତୁ ମୋ ବଜରଙ୍ଗୀ' । ଏଥିରେ ଯଦିଓ ବବ୍‌ଲୁ ପିଙ୍କିଙ୍କ ଭାଇ ଭୂମିକାରେ ନଜର ଆସିଥିଲେ ହେଲେ କେଉଁଠି ନା କେଉଁଠି ଦର୍ଶକ ଉଭୟ ପତି-ପତ୍ନୀଙ୍କୁ ସଫଳ ଯୋଡ଼ି ଭାବେ ବେଶ୍ ଭଲପାଇବା ଦେଇଛନ୍ତି ।

ପୂଜା - ଜିତୁ

କୋଣାର୍କ ଗଣନାଟ୍ୟର ପୂଜା-ଜିତୁଙ୍କ ନାମ ସଫଳ ଯୋଡ଼ି ତାଲିକାରେ ରହିଛି । ଏଥର ଖଣ୍ଡଗିରିରେ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ'ରେ ତାଙ୍କ ଯୋଡ଼ିକୁ ନେଇ ଚର୍ଚ୍ଚା । ପୂଜାଙ୍କ ବିପକ୍ଷରେ ଅଛନ୍ତି ଜିତୁ । ମଞ୍ଚରେ ପୂଜା ଜିତୁଙ୍କ ପ୍ରେମିକା, ସ୍ତ୍ରୀ ଭୂମିକାରେ ଚମତ୍କାର ଅଭିନୟ କରନ୍ତି । ଉଭୟଙ୍କ କଥାବାର୍ତ୍ତାର ମାଧୁର୍ଯ୍ୟ ହିଁ ପ୍ରେମ କାହାଣୀକୁ ହିଟ୍ କରାଏ । ପୂଜା କୁହନ୍ତି, ଆମେ ଉଭୟେ ଚରିତ୍ରରେ ହଜିଯାଉ । ତେଣୁ ଆମ ଯୋଡ଼ିକୁ ଲକ୍ଷଲକ୍ଷ ଦର୍ଶକ ସେମାନଙ୍କ ହୃଦୟରେ ସ୍ଥାନ ଦେଇଛନ୍ତି । 'ବଦନାମ୍ ହେଲି ତୋରି ପାଇଁ', 'ଆଖିଅବୁଝାକୁ ଲୁହ ଅବୁଝା' ଏମିତି ଅନେକ ନାଟକରେ ପୂଜା-ଜିତୁଙ୍କ ଯୋଡ଼ିକୁ ସମସ୍ତେ ପ୍ରଶଂସା କରନ୍ତି । ସାମାଜିକ ଗଣମାଧ୍ୟମରେ ସୁପର ଯୋଡ଼ି ଫଟୋ ଦେଖିଲେ ଖୁସି ଲାଗେ ବୋଲି କୁହନ୍ତି ପୂଜା ।

ଡ୍ୟାନି - ମାମା

ଖଣ୍ଡଗିରିରେ ଅପେରା ସୂର୍ଯ୍ୟମନ୍ଦିର ଯାତ୍ରା ପାର୍ଟି ପକ୍ଷରୁ ମଞ୍ଚସ୍ଥ ହୋଇଥିଲା 'ଅଭାଗିନୀ ଅଞ୍ଜଳି' ଓ 'ହାଇଦର' ନାଟକ । ଏଥିରେ ଡ୍ୟାନି ଏବଂ ମାମାଙ୍କ ଯୋଡ଼ିକୁ ଦର୍ଶକ ଗ୍ରହଣ କରିଛନ୍ତି । ରିଆଲିଟି ଶୋ'ରୁ ଧାରାବାହିକ ଏବଂ ସିନେମାରେ କାମ କରିବା ପରେ ଯାତ୍ରା ଜଗତରେ ନାୟକ ଭାବେ ଡ୍ୟାନିଙ୍କ ଲୋକପ୍ରିୟତା ରହିଛି । 'ଅଭାଗିନୀ ଅଞ୍ଜଳି'ରେ ସୂରଜ ଓ 'ହାଇଦର'ରେ ହାଇଦର ଭୂମିକାରେ ଦମ୍‌ଦାର ସଂଳାପରେ ସେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ । 'ଅଭାଗିନୀ ଅଞ୍ଜଳି'ରେ ଡ୍ୟାନି ଆଉ ମାମା ପତି-ପତ୍ନୀ ଭୂମିକାରେ ନଜର ଆସିଥିଲେ । ଏଥିରେ ବିବାହ ପରି ପବିତ୍ର ସମ୍ପର୍କକୁ ବଞ୍ଚାଇବାକୁ ଯାଇ ଅଞ୍ଜଳି (ମାମା) କ'ଣ କରୁଛନ୍ତି ତାହା ଦେଖିବାକୁ ମିଳିଥିଲା । ରୋମାଣ୍ଟିକ୍ ଗୀତରେ ଉଭୟଙ୍କ କେମେଷ୍ଟ୍ରିକୁ ଢେର୍ ସାରା ଭଲ ପାଇବା ମିଳିଥିଲା । ଡ୍ୟାନି-ମାମା ଦୁଇ ବନ୍ଧୁ ।

ସେହିପରି ଅପେରା ଶ୍ରୀମନ୍ଦିରର 'ଜାନୁଆର'ର କାହ୍ନା ଏବଂ ଟିକି, ଯାତ୍ରା ରାଣୀ 'ସିଂହବାହିନୀ'ର 'ତୁ ମୋ ବଜରଙ୍ଗୀ'ରେ ପୀୟୂଷଙ୍କ ସହ ଫିଙ୍କି ଓ ସ୍ୱିଟି, ଯାତ୍ରା ସ୍ୱର୍ଣ୍ଣମହଲର ମାମା-ଜୀବନ, ରାଜଦରବାର ଯାତ୍ରାର ବବି-ମାମାଙ୍କ ଯୋଡ଼ି ମଧ୍ୟ ବେଶ୍ ସଫଳ ସାଉଁଟିଛି । ■

ଓଡ଼ିଶାର ଏକ ପୁରାତନ ପାରମ୍ପରିକ ଲୋକନାଟ୍ୟ ହେଉଛି 'ଯାତ୍ରା' । ଏଥିରେ ଅଭିନୟ, ନୃତ୍ୟ ଏବଂ ସଙ୍ଗୀତର ଅପୂର୍ବ ସମ୍ବନ୍ୱୟ ଦେଖିବାକୁ ମିଳିଥାଏ । ମନୋରଞ୍ଜନ ସହିତ ଏହା ଓଡ଼ିଶାର ସଂସ୍କୃତି, ପରମ୍ପରାର ଏକ ଅଭିନ୍ନ ଅଙ୍ଗ । ରାତିର ନିରବତାକୁ ଭାଙ୍ଗି ଯେତେବେଳେ ମଞ୍ଚରେ ଆଲୋକ ଜଳି ଉଠେ, ସେତେବେଳେ ଜୀବନ୍ତ ହୋଇଉଠନ୍ତି ଚରିତ୍ରଗୁଡ଼ିକ । ଯାତ୍ରା ଦେଖିବାକୁ ମଞ୍ଚ ଚତୁଃପାର୍ଶ୍ୱରେ ଘେରି ବସିଥାନ୍ତି ଶହ ଶହ ଦର୍ଶକ । ହୃଦୟସ୍ପର୍ଶୀ ଅଭିନୟ, ଉଚ୍ଚକୋଟୀର ସଂଳାପ ତଥା ଗୀତରେ ଝୁମନ୍ତି ପିଲାଠୁ ବୟସ୍କ ଯାଏଁ । ଦର୍ଶକଙ୍କ ତାଳିମାଡ଼ିରେ ପ୍ରକମ୍ପିତ ହୋଇଉଠେ ପରିବେଶ । ମଞ୍ଚରେ ସଫଳ ନାଟକ ପ୍ରଦର୍ଶନ କରିବା ପାଇଁ ଅଭିନେତା, ଅଭିନେତ୍ରୀଙ୍କ ଭଳି ପ୍ରଚ୍ଛଦ କଳାକାରଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତିଟି ଦୃଶ୍ୟକୁ ଆକର୍ଷଣୀୟ କରିବା ପାଇଁ ପ୍ରଚ୍ଛଦପଟରେ ଥିବା ଗାୟକଗାୟିକା, ବାଦ୍ୟକାର, ଟେକ୍ନିସିଆନ୍ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ଯାତ୍ରା ପାଇଁ ଟେଣ୍ଟ ବାନ୍ଧୁ ଥିବା ପିଲାଙ୍କଠାରୁ ଆରମ୍ଭ କରି ଯାତ୍ରା ପ୍ରଚ୍ଛଦପଟରେ ଥିବା କଣ୍ଠଶିଳ୍ପୀ, ବାଦ୍ୟକାର, ଟେକ୍ନିସିଆନ୍‌ଙ୍କୁ ନେଇ ଏହି ଉପସ୍ଥାପନା ।

ଯାତ୍ରା ପ୍ରଚ୍ଛଦପଟର ନାୟକ

ଫିଲ୍ମଠୁ ଭିନ୍ନ ଯାତ୍ରା ସଙ୍ଗୀତ

'ରଜ ସୁନ୍ଦରୀକୁ ସଜ ସିନ୍ଦୂର', 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ଭଳି ପ୍ରତ୍ୟେକ ଯାତ୍ରାରେ ଅନେକ ସୁପରହିଟ୍ ଗୀତ ରହିଛି । ଯାହାକୁ ଦର୍ଶକେ ଯାତ୍ରା ପେଣ୍ଡାଲରୁ ଫେରି ମନେ ମନେ ଗୁଣୁଗୁଣାନ୍ତି । ଗୀତର ଶବ୍ଦଗୁଡ଼ିକ କାନ ଭିତରେ ଗୁଞ୍ଜରିତ ହୋଇଉଠୁଥାଏ । କଣ୍ଠଶିଳ୍ପୀମାନେ ପ୍ରଚ୍ଛଦରେ ରହି ଗୀତକୁ ଅଧିକ ହୃଦୟସ୍ପର୍ଶୀ ଓ ଜୀବନ୍ତ କରିଥାନ୍ତି । ଏହାଦ୍ୱାରା ଦର୍ଶକମାନେ ନାଟକର କାହାଣୀ ସହିତ ସଙ୍ଗୀତକୁ ମନଭରି ଉପଭୋଗ କରିଥାନ୍ତି । ପ୍ରତ୍ୟେକ ଯାତ୍ରାରେ କାହାଣୀ ଅନୁଯାୟୀ ଦୁଇ/ତିନୋଟି ରୋମାଣ୍ଟିକ, ଗୋଟିଏ ଟାଇଟଲ୍ ଟ୍ରାକ୍ ଏବଂ ଗୋଟିଏ ଭାବପ୍ରବଣ ଗୀତ ଥାଏ । ଅବଶ୍ୟ ଆବଶ୍ୟକସ୍ଥଳେ ଯାତ୍ରା କାହାଣୀକୁ ଭିତ୍ତି କରି ଏଥିରେ ଆଉ ଗୋଟେ ଦୁଇଟି ଗୀତ ସଂଯୋଗ କରାଯାଏ । ସାଧାରଣତଃ ଫିଲ୍ମରେ ଗୀତଗୁଡ଼ିକ ପୂର୍ବରୁ ରେକର୍ଡ କରାଯାଏ । କିନ୍ତୁ ଯାତ୍ରାରେ ଗୀତକୁ ଅଭ୍ୟାସ କରାଯାଏ । ଏହାପରେ ସିଧାସଳଖ ମଞ୍ଚରେ ପରିବେଷଣ ହୋଇଥାଏ । ଟାଇଟେଲ୍ ଟ୍ରାକ୍, ଇମୋସନାଲ୍ ତଥା ପ୍ରେମଗୀତ ଭଳି ଅନେକ ଗୀତ ଥାଏ । କଣ୍ଠଶିଳ୍ପୀମାନେ ଅନିଦ୍ରା ରହି ଏହି ଗୀତକୁ ଗାଇଥାନ୍ତି । ଏପରିକି ନାଟକ ପରିବେଷଣ ପୂର୍ବରୁ ମେଲୋଡି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନଙ୍କ ଯାଦୁକରୀ ଗୀତ ଦର୍ଶକମାନଙ୍କୁ ଭାବବିଭୋର କରିଥାଏ ।

ବିନା ମେକ୍‌ଅପ୍ ଆର୍ଟିଷ୍ଟରେ ମେକ୍‌ଅପ୍

ଫିଲ୍ମ ହେଉ ଅବା ନାଟକ ସବୁଠି ମେକ୍‌ଅପ୍ ଆର୍ଟିଷ୍ଟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ମେକ୍‌ଅପ୍ ଆର୍ଟିଷ୍ଟମାନେ ନାଟକର ଚରିତ୍ର ଅନୁଯାୟୀ ବେଶଭୂଷାରେ ଅଭିନେତା,ଅଭିନେତ୍ରୀମାନଙ୍କୁ ଦର୍ଶକଙ୍କ ପାଖେ ପହଞ୍ଚାଇବାରେ ସହାୟକ ହୋଇଥାନ୍ତି । ତେଣୁ ଫିଲ୍ମ, ଡ୍ରାମା ତଥା ନାଟକରେ ସ୍ୱତନ୍ତ୍ର ଭାବେ ମେକ୍‌ଅପ୍ ଆର୍ଟିଷ୍ଟମାନେ ଥାଆନ୍ତି । ତେବେ ଆଜିକାଲି ଆଉ ଯାତ୍ରା ଦଳଗୁଡ଼ିକରେ ସେମିତି କୌଣସି ନିର୍ଦ୍ଦିଷ୍ଟ ମେକ୍‌ଅପ୍ ଆର୍ଟିଷ୍ଟ ରହୁ ନାହାନ୍ତି । କଳାକାରମାନେ ନିଜେ ନିଜେ ସେମାନଙ୍କର ମେକ୍‌ଅପ୍ କରିଥାନ୍ତି । ଆବଶ୍ୟକସ୍ଥଳେ କେଉଁଠି ଗୋଟିଏ ମେକ୍‌ଅପ୍ ଆର୍ଟିଷ୍ଟ ଥାଆନ୍ତି ।

ମଞ୍ଚକୁ ଆକର୍ଷଣୀୟ କରେ ଆଲୋକ

ଯାତ୍ରା ପେଣ୍ଡାଲର ଅନ୍ୟତମ ଆକର୍ଷଣ ହେଉଛି ଆଲୋକ ସଜ୍ଜା । ଆଲୋକକୁ ଭାବର ଜୀବନ ଏବଂ ନାଟକର ଆତ୍ମା ବୋଲି କୁହାଯାଏ । ମଞ୍ଚ ଉପରେ ହଳଦିଆ, ନାଲି, ନେଳି ରଙ୍ଗର ଚିକ୍‌ମିକ୍ ଆଲୋକ ପଡ଼ିଲେ, ଚରିତ୍ରମାନେ ଅଧିକ ଜୀବନ୍ତ ଲାଗନ୍ତି । ରଙ୍ଗିନ୍ ଆଲୋକ ଦର୍ଶକଙ୍କୁ ଯାତ୍ରା ପ୍ରତି ଆକର୍ଷିତ କରେ । ଦୃଶ୍ୟକୁ ସୁସଜ୍ଜିତ କରି ମନରେ ଉତ୍ସାହ ଭରିଦିଏ । କେବଳ ସେତିକି ନୁହେଁ, ମଞ୍ଚର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ଯାତ୍ରାର କାହାଣୀ ଏବଂ ପରିବେଶକୁ ପରିସ୍ଫୁଟ କରିଥାଏ । ଏହାରି ମାଧ୍ୟମରେ କଳାକାରଙ୍କ ଖୁସି, ଦୁଃଖ, ରୋମାଞ୍ଚ, ଭୟଆଦି ଭାବନା ଦର୍ଶକଙ୍କ ପାଖରେ ପହଞ୍ଚିଥାଏ ।

ଆକର୍ଷଣୀୟ ପେଣ୍ଡାଲ

ବିଭିନ୍ନ ଯାତ୍ରା ମଣ୍ଡପରେ ଭଳିକି ଭଳି ସୁସଜ୍ଜିତ ଟେଣ୍ଟ ଦେଖିବାକୁ ମିଳିଥାଏ । ସଶକ୍ତ ଓ ଆକର୍ଷଣୀୟ ଟେଣ୍ଟ ଭିତରେ ନାଟକ ପରିବେଷଣ କରାଯାଇଥାଏ । ଏହା ବର୍ଷା,ଶୀତ, ଝଡ଼ ଦାଉରୁ ଦର୍ଶକଙ୍କୁ ଏହା ସୁରକ୍ଷା ଦେଇଥାଏ । ତେବେ ଟେଣ୍ଟ ବନ୍ଧାର ମୂଳଦୁଆ ହେଉଛି ଏହାର ଖମ୍ବ । ବାଉଁଶ ଶକ୍ତ କରି ବାନ୍ଧିଲେ ଟେଣ୍ଟଟି ମଜଭୁତ ହୋଇଥାଏ । ଫଳରେ ଏହା ଦ୍ୱାରା ଦର୍ଶକମାନେ ସୁବିଧାରେ ବସି ଯାତ୍ରାକୁ ଉପଭୋଗ କରିଥାନ୍ତି । ହେଲେ ଏହି କାର୍ଯ୍ୟ ବାସ୍ତବରେ ସେତେ ସରଳ ତଥା ସହଜ ହୋଇ ନ ଥାଏ । ଏଥିପାଇଁ ଟେଣ୍ଟ ବାନ୍ଧୁ ଥିବା ଲୋକମାନଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ । ନଚେତ୍ କେତେବେଳେ ଅଘଟଣ ଘଟିବ କିଛି କହି ହେବ ନାହିଁ । ଟେଣ୍ଟ ବାନ୍ଧିବା ସ୍ୱତନ୍ତ୍ର ଭାବେ ଲୋକ ନିଯୁକ୍ତ ହୋଇଥାନ୍ତି ।

"ମଞ୍ଚ ଓ ପ୍ରଚ୍ଛଦପଟ କଳାକାର ପରସ୍ପରର ପରିପୂରକ"

କର୍ମ ହିଁ ଭଗବାନ । ମୋ' କାମ ମୋ' ପାଇଁ ବଡ଼ । ମୁଁ ମୋ' କାର୍ଯ୍ୟକୁ ନେଇ ବେଶ୍ ଖୁସି । ଆଗଧାଡ଼ିର କଳାକାରଙ୍କୁ ମଞ୍ଚରେ ପରିଚିତ କରିବା ପ୍ରଚ୍ଛଦ କଳାକାରଙ୍କ ଦାୟିତ୍ୱ । ତେଣୁ ପ୍ରଚ୍ଛଦ ଓ ମଞ୍ଚ କଳାକାର ପରସ୍ପରର ପରିପୂରକ । ଦୁହେଁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଯାତ୍ରା ହେଉଛି ଏକ ପରିପୂରକ ସଂସ୍ଥା । ଏଠାରେ ଟେଣ୍ଟ ବନ୍ଧାଳିଙ୍କଠାରୁ ଆରମ୍ଭ କରି ଲାଇଟ୍‌ମ୍ୟାନ୍, ଟେକ୍ନିସିଆନ୍ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯେତେଦିନ ଯାଏ ମା' ସରସ୍ୱତୀଙ୍କ କୃପା ଥିବ ସେ ପର୍ଯ୍ୟନ୍ତ ଯାତ୍ରାରେ ଗୀତ ଗାଇବା ଜାରି ରଖିଥିବି । ■

ଉପେନ୍ଦ୍ର ଓଝା, କଣ୍ଠଶିଳ୍ପୀ



"ନାଟକର ଚରିତ୍ରକୁ ଜୀବନ୍ତ ରୂପ ଦିଏ କଷ୍ଟ୍ୟୁମ୍"

ଯାତ୍ରା ହେଉ ଅବା ଫିଲ୍ମ ସବୁଥିରେ ଫେଶନ ଡିଜାଇନରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନାଟକର ଚରିତ୍ର ଅନୁଯାୟୀ ମୁଁ ପୋଷାକ ତିଆରି କରେ । ଅର୍ଥାତ୍ ଜଣେ ଧନୀ ଘର ଝିଅ ତା'ର ବେଶପୋଷାକ କିପରି ହେବ ଏବଂ ଜଣେ ଗରିବ ଘର ଝିଅର ବେଶପୋଷାକକୁ କିପରି ହେବ ତାକୁ କଳ୍ପନା କରି ଅଲଗା ଅଲଗା ଡିଜାଇନ୍ କରିବାକୁ ପଡ଼ିଥାଏ । ଏଥିପାଇଁ ରାତି ରାତି ଅନିଦ୍ରା ରହି କାମ କରିବାକୁ ହୋଇଥାଏ । କିନ୍ତୁ ଖୁସି ଲାଗେ ଯେତେବେଳେ କଳାକାରମାନେ ଏହି ପୋଷାକକୁ ପିନ୍ଧି ମଞ୍ଚରେ ଅଭିନୟ କରନ୍ତି । ପରିଶ୍ରମ ସଫଳ ସାର୍ଥକ ହେଲା ବୋଲି ଲାଗେ । ■

ଚିନ୍ମୟ ମହାନ୍ତି, ଫେଶନ ଡିଜାଇନର୍

"କାମରେ ଛୋଟବଡ଼ କିଛି ନାହିଁ"

ଯାତ୍ରାର ଚାରିପାଞ୍ଚ ଦିନ ପୂର୍ବରୁ ବାଉଁଶ ପୋତା ହୁଏ । ମୁଁ ଦୁଇ ବର୍ଷ ହେଲାଣି ଟେଣ୍ଟ ବାନ୍ଧିବା କାମ କରୁଛି । ଯାତ୍ରା ସରିଗଲେ ବାଉଁଶ ଖୋଲି ପୁଣି ଫେରିଯାଏ । ମୁଁ ଏକା ନୁହେଁ ସାତ ଆଠ ଜଣ ମିଳିତ ହୋଇ ଏହି କାର୍ଯ୍ୟ କରୁ । ଯାତ୍ରା ଚାଲିବା ସମୟ ତକ ଭାରି ଭଲ ଲାଗେ । ଚାରିଆଡ଼େ ଗହଳି, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥାଏ । ଏଥିରୁ ଦୁଇପଇସା ରୋଜଗାର ମଧ୍ୟ କରି ହୁଏ । ବର୍ଷକ ବାରମାସ ଯେତେବେଳେ ଯେଉଁଠି କାମପଡ଼େ ମୁଁ କରିଥାଏ । ■

ପ୍ରତାପ ଖଟୁଆ, ଟେଣ୍ଟ ବନ୍ଧାଳି



ବିଜୁଳି ବିଭାଗରେ ସ୍ମାର୍ଟ ସ୍କାମ

ପାଟଣାଗଡ଼ ଛତ୍ରଧାରୀ କନକବର୍ଦ୍ଧନ ରାଜ୍ୟ ଶକ୍ତି ବିଭାଗ ଓ କୃଷି ବିଭାଗର ମୁଖିଆ ଏବଂ ମୋହନ ସରକାରରେ ଉପମୁଖ୍ୟମନ୍ତ୍ରୀ । ଏବେ ଧାନ କିଣା ପ୍ରସଙ୍ଗରେ ଚାଷୀଙ୍କ ସ୍ୱାର୍ଥକୁ ନେଇ ତାଙ୍କ ବିଭାଗ ଓ ନିଜେ କନକବର୍ଦ୍ଧନ ହରଡ଼ଘଣାରେ ପଡ଼ିଥିବା ସମୟରେ ଶକ୍ତି ବିଭାଗରେ ଯାହା ସବୁ ଘଟୁଛି ସେ ସବୁ କଥା ବୋଧହୁଏ ମହାଶୟ ଜାଣି ପାରୁ ନାହାନ୍ତି ବା ତାଙ୍କୁ ଜଣାଇବାକୁ ତାଙ୍କ ବିଭାଗର ଅଧିକାରୀମାନେ ଉଚିତ୍ ମଣୁ ନାହାନ୍ତି । ଏମିତି ବି ହୋଇପାରେ ଯେ ଯାହା ସବୁ ଘଟୁଛି ସବୁ କନକବର୍ଦ୍ଧନଙ୍କ ଇଙ୍ଗିତରେ ଘଟୁଛି । ଏହି ତିନି ସମ୍ଭାବନା ମଧ୍ୟରୁ ଗୋଟିଏ ବି ଯଦି ସତ୍ୟ ହୁଏ, ତେବେ ତାହା ଅତ୍ୟନ୍ତ ସାଂଘାତିକ କଥା ବୋଲି କୁହାଯାଉଛି । ଆଲୁ ଖୋଳୁଖୋଳୁ ମହାଦେବ ବାହାରିବା ପରି ଓଇଆର୍‌ସିରେ ଶୁଣାଣି ସମୟରେ କିଛି ଉପଭୋକ୍ତା ବିଜୁଳି ବିଭାଗର ସ୍ମାର୍ଟ ସ୍କାମର ଗୁମର ଖୋଲି ଦେଇଛନ୍ତି । ଲୋକଙ୍କ ଘରେ ସ୍ମାର୍ଟ ମିଟର ଲଗାଇବାକୁ ସରକାର ୭୬୫ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ତ କ୍ୟାବିନେଟ୍ ବୈଠକରେ ବରାଦ କରିଦେଲେ, ମାତ୍ର ଏହି ସ୍ମାର୍ଟ ମିଟର କିଣା ଦାୟିତ୍ୱ ଗ୍ରାଡ୍‌କୋ ଓ ଓପିଟିସିଏଲ୍‌କୁ କାହିଁକି ଦିଆଗଲା ନାହିଁ ବୋଲି ପ୍ରଶ୍ନ ଉଠିବା ପରେ କନକବର୍ଦ୍ଧନ ଅକଳରେ । ପୁଣି ରାଜକୋଷରୁ ୭୬୫ କୋଟି ଟଙ୍କା ଖର୍ଚ୍ଚ କରି ସ୍ମାର୍ଟ ମିଟର ଲଗାଇଲେ ଏହା କିପରି ବିଜୁଳି ଉପଭୋକ୍ତାଙ୍କ କଲ୍ୟାଣ କରିବ ତାହା ବି ସ୍ପଷ୍ଟ ନୁହେଁ । ଯା ପରେ ପୁଣି ସ୍ମାର୍ଟ ମିଟର ପାଇଁ ବରାଦ ଅର୍ଥରୁ ଅଧା କୁଆଡ଼େ ବାଟମାରଣା ପାଇଁ ଗଳା ବାଟ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ଉଠିଲାଣି । ଏଥିରେ କେତେ ସତ୍ୟତା ଅଛି ଆମକୁ ଜଣାନାହିଁ । ମାତ୍ର ସ୍ମାର୍ଟ ମିଟର ଯେ ବିଜୁଳି ବିଭାଗକୁ ବୁଡ଼ାଇବ, ତାହା ଏବେଠୁ ଜଳଜଳ ଦିଶୁଛି । ■

କାହିଁ ଗଲା ଓଡ଼ିଆ ଅସ୍ମିତା

ନିମାପଡ଼ାରେ ଭାଇନା ସମୀରଙ୍କ ସହ ଉପମୁଖ୍ୟମନ୍ତ୍ରୀ ଅପା ପ୍ରଭାତୀଙ୍କ ପ୍ରତ୍ୟକ୍ଷ ଲଢ଼େଇରେ ଏବେ ମଧ୍ୟାନ୍ତର । ପଦ୍ମ ଦଳିଆ ସଭାପତିଙ୍କ କାନ୍ଧରେ ବନ୍ଧୁକ ରଖି ପ୍ରଭାତୀ ଏବେ ଆଶ୍ୱସ୍ତିର ନିଶ୍ୱାସ ମାରୁଥିବାବେଳେ ବିବାଦ ତାଙ୍କ ପିଛା ଛାଡୁ ନାହିଁ । ପୂର୍ବରୁ ଲଭର୍ସ ପଏଣ୍ଟ, ଛେଳି ବ୍ୟବସାୟ ଆଦି ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ନିଶାଣର ଶିକାର ହୋଇଥିବା ପ୍ରଭାତୀ ମ୍ୟାଡ଼ାମ୍ ପୁଣି ଏକ ବିବାଦରେ ଛନ୍ଦି ହୋଇ ଯାଇଛନ୍ତି । ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଭାତୀ ମ୍ୟାଡାମ୍ ଆରମ୍ଭ କରିଥିବା ବିଳାସପୂର୍ଣ୍ଣ 'କାରାଭାନ' ପର୍ଯ୍ୟଟନ ବ୍ୟବସ୍ଥାରେ ତାଙ୍କ ଦଳର କଥିତ ଓଡ଼ିଆ ଅସ୍ମିତା କୁଆଡ଼େ ଗଲା ବୋଲି ସାମାଜିକ ଗଣମାଧ୍ୟମରେ ଲୋକମାନେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । ମ୍ୟାଡାମ୍ କାରାଭାନ କାର୍ଯ୍ୟକ୍ରମରେ ଯେଉଁ ଗାଡ଼ିଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି, ସେଥିରୁ ଗୋଟିଏ ବି ଓଡ଼ିଶା ପଞ୍ଜିକୃତ ନୁହେଁ । କେଉଁ ଗାଡ଼ି ଆସାମରେ ପଞ୍ଜିକରଣ ହୋଇଛି ତ କେଉଁଟା ପୁଣି ଗୁଜରାଟରେ । ଓଡ଼ିଶାରେ ଏପରି ଗାଡ଼ି ନ ଥିଲା ନା ଅନ୍ୟ ରାଜ୍ୟର ଗାଡ଼ି ମାଲିକଙ୍କୁ ଅନୁଗ୍ରହ ଦେଖାଇବା ପାଇଁ ତାହାକୁ ଓଡ଼ିଶାକୁ ଆମଦାନୀ କରାଗଲା, ତାହା ଅନେକଙ୍କ ମଗଜରେ ପଶୁନାହିଁ । ପୂର୍ବରୁ ବିଭିନ୍ନ ନିର୍ବାଚନ ସମୟରେ ମ୍ୟାଡାମଙ୍କ ପଦ୍ମ ଦଳ ପ୍ରଚାର ଗାଡ଼ିଗୁଡ଼ିକରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ଼, ଗୁଜରାଟ ନମ୍ବର ଥିବା ଦେଖା ଯାଇଥିଲା । ଦଳୀୟ କାର୍ଯ୍ୟକ୍ରମ ହୋଇଥିବାରୁ ତାହାକୁ ଅନେକ ଗୁରୁତ୍ୱ ଦେଉ ନ ଥିଲେ; ମାତ୍ର ଖୋଦ ରାଜ୍ୟ ସରକାରଙ୍କ କାରାଭାନ କାର୍ଯ୍ୟକ୍ରମରେ ଅନ୍ୟ ରାଜ୍ୟର ପଞ୍ଜିକୃତ ଗାଡ଼ି ବ୍ୟବହାର କାହିଁକି ? ଏଠି ଓଡ଼ିଆ ଅସ୍ମିତା କୁଆଡ଼େ ଗଲା କି? ■

ବିଜୁଳିଙ୍କୁ ମହିଳା କରେଣ୍ଟ

୨୦୧୯ ଓ ୨୦୨୪ରେ ଦି'ଥର ସେ ବଡ଼ସାହିରୁ ନିର୍ବାଚିତ ହୋଇଛନ୍ତି ସନାତନ ବିଜୁଳି । ମାତ୍ର ନିକଟରେ ତାଙ୍କ ଅଞ୍ଚଳର ମା' ମାନେ ଏମିତି କରେଣ୍ଟ ଲଗାଇଛନ୍ତି ଯେ ବିଚରା ବିଜୁଳି ବାବୁଙ୍କ କାନମୁଣ୍ଡା ଝାଇଁଝାଇଁ ହୋଇ ଯାଇଛି । ବଡ଼ସାହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଁଳା ପଞ୍ଚାୟତରେ ଶହଶହ ମହିଳା ଜୟ ଜଗନ୍ନାଥ ସ୍ଲୋଗାନ ଦେଇ ବିଚ୍ ରାସ୍ତାରେ ସନାତନଙ୍କୁ ଯେପରି ଯେପରି ଘେରିଲେ, ଗଲା ୧୦ ବର୍ଷ ମଧ୍ୟରେ ସେହି ଅଞ୍ଚଳରେ କେବେ ବି ଏପରି ଘଟଣା ଦେଖାଯାଇ ନ ଥିଲା । କୌଣସି ପ୍ରକାରେ ମହିଳାଙ୍କ କବଳରୁ ଖସି ଯିବା ପାଇଁ ଯେତେ ଚେଷ୍ଟା କଲେ ବି ବିଜୁଳି ବାବୁ ସଫଳ ହେଲେ ନାହିଁ । ଯା ପରେ ଯାହା ସବୁ ଘଟିଲା, ତାହା ସବୁ ସୋସିଆଲ ମିଡ଼ିଆରେ ଡ଼ବଡ଼ବ ବାଜୁଛି । ନିଜ ଇଚ୍ଛାମତେ ଏମ୍‌ବିକେ ବାଛିବା ପ୍ରତିବାଦରେ ମହିଳାମାନେ ବାରମ୍ବାର ଅଭିଯୋଗ କରିଥିଲେ ବି ବିଡ଼ିଓ ତାହାକୁ କର୍ଣ୍ଣପାତ କଲେ ନାହିଁ । ଏପରିକି ସିଲେକ୍ସନ କମିଟି ଯେଉଁମାନଙ୍କୁ ନିଯୁକ୍ତି ଦେବାକୁ ସୁପାରିସ କରିଥିଲା; ବିଡ଼ିଓ ତାହାକୁ ଗ୍ରହଣ କଲେ ନାହିଁ । ତେଣୁ ଯେଉଁମାନେ ଏମ୍‌ବିକେ ଥିଲେ ସେମାନଙ୍କୁ ପୁନଃ ସୁଯୋଗ ଦାବିରେ ମହିଳାମାନେ ବିଧାୟକଙ୍କୁ ଘେରିଲେ । ମହିଳାଙ୍କ କବଳରୁ ମୁକୁଳିବା ପାଇଁ ଯେତେ ବାହାନା କଲେ ବି ସନାତନଙ୍କ କଥା କେହି ଶୁଣିଲେ ନାହିଁ; ଓଲଟି ସେଇଠୁ ସେମାନଙ୍କ ସାମ୍ନାରେ ବିଡ଼ିଓଙ୍କୁ ଫୋନ କରିବାକୁ ଅଡ଼ି ବସିଲେ । ଭୋଟ ପାଇଁ ସେତେବେଳେ ଘର ଘର ବୁଲୁଥିଲ, ଏବେ ଲୁଚି ପଳାଉଛ କିଆଁ ? ସମସ୍ତଙ୍କ ସାମ୍ନାରେ ଗାଁର ମହିଳାଙ୍କ ଏପରି ହାଇ ଭୋଲ୍‌ଟେଜ୍ କରେଣ୍ଟ କୁଆଡ଼େ ବିଜୁଳି ବାବୁଙ୍କ ଫ୍ୟୁଜ୍ ଉଡ଼ାଇଦେବାକୁ ଯଥେଷ୍ଟ ଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଛି । ■

'ଅନୁ' ଶାସନରୁ ଉର୍ଦ୍ଧ୍ୱରେ ନୃପ

ଜଣେ ବ୍ୟକ୍ତି କାହାପ୍ରତି ଆକର୍ଷିତ ହେବା ବା ଆନୁଗତ୍ୟ ପୋଷଣ କରିବା ତାହା ଅତ୍ୟନ୍ତ ବ୍ୟକ୍ତିଗତ ବ୍ୟାପାର; ମାତ୍ର ଜଣେ ପ୍ରଶାସନିକ ଅଧିକାରୀ ସର୍ବଦା ନିଜ ଦାୟିତ୍ୱ ପ୍ରତି ସର୍ବଦା ଉତ୍ତରଦାୟୀ । ସୋନପୁର ଜିଲ୍ଲାପାଳ ନୃପରାଜ ସାହୁ ନିକଟରେ ସୁଭଦ୍ରା ଶକ୍ତି ମେଳାରେ ଦେଇଥିବା ମନ୍ତବ୍ୟ ଓ ଟିପ୍ପଣୀଗୁଡ଼ିକ ଯେ ସରକାରୀ ଅନୁଶାସନର ଉଲ୍ଲଙ୍ଘନ କରିଛି ତାହା କାହାରିକୁ ଅବୋଧ ନାହିଁ । ମୁଖ୍ୟ ସଚିବ ଅନୁ ଗର୍ଗ ପୂର୍ବ ସରକାର ସମୟରେ ଉନ୍ନୟନ କମିଶନର ଥିଲେ, ବର୍ତ୍ତମାନ ସମୟରେ ମୁଖ୍ୟ ସଚିବ । ତାଙ୍କ ମୁହଁରେ କେବେ ବି ଏପରି ଶବ୍ଦ କେହି ଶୁଣି ନାହାନ୍ତି; କିନ୍ତୁ ନୃପରାଜ ସରକାରୀ କାର୍ଯ୍ୟକ୍ରମରେ ସବୁ ସୀମାରେଖା ଟପି ଗଲେ ବି ତାଙ୍କୁ ମୁଖ୍ୟ ସଚିବଙ୍କ ଦପ୍ତରରୁ କେହି ପଦଟିଏ ପଚାରି ନାହାନ୍ତି । ମାଲକାନଗିରି ଜିଲ୍ଲାରେ କାର୍ଯ୍ୟ କରିବା ସମୟରେ ପୂର୍ବ ସରକାର ଯେଉଁ ଉପଜିଲ୍ଲାପାଳ ନୃପରାଜଙ୍କ ଉପରେ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ରୂପେ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଥିଲା, ସେଇ ସରକାର ପ୍ରତି ଆଙ୍ଗୁଳି ଉଠାଇ ସେ ନିଜକୁ କୃତଜ୍ଞ କି ଅକୃତଜ୍ଞ ପ୍ରମାଣ କଲେ, ସେ କଥା ଜିଲ୍ଲାପାଳ ନୃପରାଜ ନିଜେ ଜାଣନ୍ତି । ମାତ୍ର ଆଉ କେଇମାସ ପରେ ସରକାରୀ ଚାକିରୀରୁ ଅବସର ନେଇ ନୃପରାଜ କୁଆଡ଼େ ପଦ୍ମ ଦଳରେ ଯୋଗ ଦେବେ ଓ ଆଗାମୀ ନିର୍ବାଚନରେ ତାଙ୍କ ପଦ୍ମ ଟିକଟ ଯେ କନଫର୍ମ ଖବର ପ୍ରଚାରିତ ହେବା ପରେ ନର୍ଲା ବିଧାନସଭା କ୍ଷେତ୍ରର ଛାମୁଆଁ ନେତା ଅନିରୁଦ୍ଧ ପ୍ରଧାନ ବଡ଼ ଟେନ୍‌ସନରେ । ଗଲା ଦି'ଟା ନିର୍ବାଚନରେ ସେ ପଦ୍ମ ପ୍ରାର୍ଥୀ ଭାବରେ ନର୍ଲାରୁ ପ୍ରତିଦ୍ୱନ୍ଦ୍ୱିତା କରି ଆସୁଛନ୍ତି । ଏବେ ନୃପରାଜଙ୍କ ପଦ୍ମ ଯୋଗଦାନ ସମ୍ଭାବନା କୁଆଡ଼େ ତାଙ୍କ ରକ୍ତଚାପ ବଢ଼ାଇ ଦେଇଛି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।